# କୁଇଦିନା ପିଅପଟା

ଅନୁଜ ମୋହନ ପ୍ରଧାନ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# କୁଇଦିନା ପିଅପଟା

## (କୁଇଦିନା ହଲଦୀବସନ୍ତ)

ଅନୁଜ ମୋହନ ପ୍ରଧାନ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# କୁଇଦିନା ପିଅପଟା

## (କୁଇଦିନା ହଳଦୀବସନ୍ତ)

ରଚନା : ଅନୁଜ ମୋହନ ପ୍ରଧାନ

©ପ୍ରକାଶକ : ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଡିସେମ୍ବର, ୨୦୦୬

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧
ବମିଖାଲ, ଭୁବନେଶ୍ୱର-୭୫୧୦୧୦

ମୂଲ୍ୟ : ୨୪ ଟଙ୍କା ମାତ୍ର

**KUIDINA PIOPOTA (Kuidina Haladi Basanta)**
(An anthology of Kui Poems with Oriya Translation)

**Author :** Sri Anuja Mohan Pradhan

**©Publisher :** Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition :** December,2006

**Printed at :** Bholanath Press
1201/1601, Bomikhal
Bhubaneswar-751010

**Price :** Rs.24.00 Only

# ଉତ୍ସର୍ଗ

ଯାହାଠାରୁ ଜୀବନର ପ୍ରଥମ ଶବ୍ଦ
କୁଇ ଭାଷାରେ ଶିଖିଥିଲି ......

ପୂଜ୍ୟ ବାପା ମାଆଙ୍କ ପାଦତଳେ.....

# ପଦେ କଥା...

କୁଇ କୁଇଦିନାର ଭାଷା । କୁଇଦିନା ଏକ ଭୌଗୋଳିକ ବା ରାଜନୈତିକ ପରିସୀମା ନୁହେଁ, ବରଂ ଏହା ହେଉଛି କୁଇ ଭାଷାଭାଷୀ ଅଞ୍ଚଳର ଏକ ସାମଗ୍ରିକ ଏକପଦୀକରଣ । ଏହା କୌଣସି ଜାତି ବା ଜନଜାତିରେ ସୀମିତ ନୁହେଁ । ବଣଫୁଲର ମହକ, ପକ୍ଷୀର କାକଳୀ ଭଳି ଏହାର ସ୍ୱର ସ୍ୱତଃ ଏହି ଭାଷାଭାଷୀଙ୍କ ପାଖରେ ଫୁଟି ଉଠିଛି ଯୁଗଯୁଗ ଧରି । ଏ ଭାଷାର ପ୍ରଥମ ଗୀତ କିଏ ଗାଇଥିଲା କହିବା ଅସମ୍ଭବ । କିନ୍ତୁ ତରୁଣର ପ୍ରେମ ନିବେଦନ, ଲୋମହର୍ଷଣକାରୀ ଘଟଣା ସବୁ କୁଇ କବିର ମାନସ ପଟରେ ଗଭୀର ରେଖାପାତ କରିଛି ଏବଂ ଗୀତର ସାବଲୀଳ ଧାରା ବଣଝରଣା ପରି ବହିଯାଇଛି । କେତେକ ଗବେଷକଙ୍କ ମତରେ କୁଇ ଭାଷାର କବିତା ନାହିଁ । କୁଇ ଗୀତର ମୂଲ୍ୟାଙ୍କନ ସାହିତ୍ୟିକଙ୍କ ଦ୍ୱାରା ନହୋଇ ଜନମାନସଙ୍କ ଦ୍ୱାରା ହୋଇଥାଏ । ଏଣୁ 'ଜାହାଜ ବାଇସେ ବୁଲି ବୁଲି', 'ଏସେକା ଆକା ବାନେମାଲା ବାଇମାଲା ଗାଡ଼ି' ଇତ୍ୟାଦି ଗୀତ ଏଯାଏଁ ଅପାଶୋରା ରହିଛି । ଦ୍ୱିତୀୟତଃ, କୁଇ ଭାଷାର ନିଜସ୍ୱ ଲିପି ନଥିବାରୁ କୁଇ ଗୀତ ଗୁଡ଼ିକ ବନଫୁଲ ପରି ସ୍ୱଳ୍ପ ସମୟ ପାଇଁ ନିଜର ସୁବାସ ବିତରଣ କରି ଝରି ଯାଇଛନ୍ତି ।

ଏହି କ୍ଷୁଦ୍ର ସଂକଳନଟି କୁଇ ଜନଜୀବନର ବିଭିନ୍ନ ଭାବ ଓ ସମ୍ଭାବନାକୁ ନେଇ ସଂଯୋଜିତ । ଏକ ଦିଗରେ ସହରୀ ଆଭିମୁଖ୍ୟରେ ଲିଭି ଆସୁଥିବା କୁଇ ସଂସ୍କୃତି, ପରମ୍ପରା ଏବଂ ଅନ୍ୟ ଦିଗରେ ଆଦିବାସୀ ଜୀବନର ବିରାମହୀନ ଯୁଗଯାତନା ହିଁ ଏହାର ପୃଷ୍ଠଭୂମି । ଅଧୁନା କୁଇଗୀତକୁ ଏକ ନୂତନ କଳେବରର ଆବଶ୍ୟକତା ରହିଛି । ସେହି ଗୀତକୁ ସଂଗୀତ ଏବଂ କବିତାର ରୂପ ଦେଇ କୁଇ କବି ମାନଙ୍କୁ ପୁଣି ଥରେ ଗାଇବାକୁ ହେବ, ବସନ୍ତର ହଳଦୀବସନ୍ତ ପରି ।

କୁଇଭାଷାରେ ଶବ୍ଦ ପ୍ରତିଶବ୍ଦର ଅପରିସୀମ ସମ୍ଭାର ନାହିଁ । ବହୁ ଅଳଙ୍କାର ନଥିଲେ ବି କୁଇ ରମଣୀର ଖୋସାରେ ପାଳଧୂଆ ଫୁଲ ପରି ସରଳତା ହିଁ ଏହାର ଆଭୂଷଣ । ଉଚ୍ଚାରଣଗତ ତୀକ୍ଷ୍ଣତାକୁ ଓଡ଼ିଆ ଲିପିରେ ପ୍ରକାଶ କରିବା ଅନେକ ସମୟରେ କଷ୍ଟବୋଧ ହୋଇଥାଏ । କୁଇ କବିତା ଗୁଡ଼ିକର ଓଡ଼ିଆ ଭାଷାନ୍ତର ବେଳେ

ଏହି ସରଳତାକୁ ରକ୍ଷା କରିବାକୁ ଯଥାସାଧ୍ୟ ପ୍ରୟାସ କରିଛି । ଏଥିରେ ଯଦି କିଛି ଶୂନ୍ୟସ୍ଥାନ ରହିଯାଇଛି, ସେଥିପାଇଁ ପାଠକଙ୍କ ପାଖରେ ମୁଁ କ୍ଷମା ପ୍ରାର୍ଥୀ ।

ଏହି କ୍ଷୁଦ୍ର ସଂକଳନଟି ଅନ୍ତରାଳରେ ଝରି ଯିବା ଆଗରୁ ପ୍ରକାଶ୍ୟ ଦିବାଲୋକକୁ ଆଣିଥିବାରୁ ନିର୍ଦ୍ଦେଶକ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀଙ୍କୁ କୃତଜ୍ଞତା ଜଣାଉଛି । ଏହି ସଙ୍କଳନର ପୁରୋଭାଗରେ ବନ୍ଧୁ ଡଃ ସୁଶାନ୍ତ କୁମାର ସାହୁ, ଶ୍ରୀ ଶ୍ରୀଧର ଖୁଣ୍ଟେ, ଶ୍ରୀମତୀ ରାନୁବର୍ମା ଓ କୁମାରୀ ଶର୍ମିଷ୍ଠା ସ୍ୱାଇଁଙ୍କ ସହଯୋଗ ଓ ପ୍ରୋତ୍ସାହନ ମୋର ପାଥେୟ ହୋଇଛି । ମୋ ପାଣ୍ଡୁଲିପିର ପ୍ରଥମ ପାଠିକା, ମୋର ଧର୍ମପତ୍ନୀ କୁନିଙ୍କ ସହଯୋଗ ଧନ୍ୟବାଦାର୍ହ । ଡଃ. ପରମାନନ୍ଦ ପଟେଲ ସମ୍ପାଦନା କାର୍ଯ୍ୟରେ ସହଯୋଗ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ଶ୍ରୀ ସୁଶାନ୍ତ କୁମାର ସାହୁ ସ୍ୱଳ୍ପ ସମୟ ମଧ୍ୟରେ ପାଣ୍ଡୁଲିପିର କମ୍ପ୍ୟୁଟର ଟାଇପ ସହ ସଜ୍ଜିକରଣ କରି ପ୍ରକାଶନ ଉପଯୋଗୀ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ସମସ୍ତଙ୍କ ସହଯୋଗରେ ଏହି କବିତା ଗୁଡ଼ିକର ଇଂରାଜୀ ଭାଷାନ୍ତର ଖୁବ୍ ଶୀଘ୍ର ପାଠକଙ୍କ ହାତରେ ଦେଇ ପାରିବି ବୋଲି ଆଶା ରଖିଛି ।

ଶୁଭେଚ୍ଛା ସହ,

ବିନୀତ

ଜାମସେଦପୁର

ଅନୁଜ ମୋହନ ପ୍ରଧାନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧. | କେରଣ୍ଡି ଟେଙ୍କି (ଯାଦୁହାଣ୍ଡି) | ୦୧-୦୪ |
| ୨. | ଟଟକଡ଼ି (କାଠଢୋଲ) | ୦୫-୦୮ |
| ୩. | କୁଇଦିନା ପିଅପଟା (ହଳଦୀବସନ୍ତ ପ୍ରତି) | ୦୯-୧୨ |
| ୪. | ବେଗଡ଼ି ବାଡି (ତୁଠ ପଥର) | ୧୩-୧୬ |
| ୫. | ମ୍ଲିବା କ୍ଲାଡି (ପାଲଟା ବାଘ) | ୧୭-୧୮ |
| ୬. | ବାହାଟେଙ୍କି (ମାଗୁ ହାଣ୍ଡି) | ୧୯-୨୨ |
| ୭. | ପୁଷି (ଉଇ ହୁଙ୍କା) | ୨୩-୨୪ |
| ୮. | କାଲିଙ୍ଗାଣ୍ଡ ଘାଟି (କଳିଙ୍ଗା ଘାଟି) | ୨୫-୨୮ |
| ୯. | ସସ୍ପା ଅଗା (ଝିଙ୍କ ଶିକାର) | ୨୯-୩୨ |
| ୧୦. | ମାଇ ନା'ଟ (ମୋ ଗାଁଆ) | ୩୩-୩୬ |
| ୧୧. | ବାଇମାଲା ଗାଡ଼ି (ବାଇମାଲା ଗାଡ଼ି) | ୩୭-୩୮ |
| ୧୨. | ପ୍ଲାମ୍ପୁ (ମୃଗୟା) | ୩୯-୪୪ |
| ୧୩. | ପାନାକାପା (ଚନ୍ଦ୍ରଗ୍ରହଣ) | ୪୫-୪୮ |
| ୧୪. | ସିଡି ସା'କି (ଅପମୃତ୍ୟୁ) | ୪୯-୫୨ |
| ୧୫. | କାକାଡ୍ରାଗା (ଭଉଁରୀ) | ୫୩-୫୪ |
| ୧୬. | ତାଜମହଲ (ତାଜମହଲ) | ୫୫-୫୮ |
| ୧୭. | କାଣ୍ଡୁକା ଗିପିମାସେ ତଡ଼ି (ଝରାଉଥିଲା ସେ ଲୁହ) | ୫୯-୬୨ |
| ୧୮. | ଗାନ୍ଦାମାହା (ଗାନ୍ଦାମାହା) | ୬୩-୬୬ |
| ୧୯. | ପିରିଡାଡ଼ି (ପାଙ୍ଗଗଦା) | ୬୭-୬୮ |
| ୨୦. | ପେ'ନୁ କୁରା (ତୀର୍ଥଯାତ୍ରା) | ୬୯-୭୨ |
| ୨୧. | ପାଦଟୀକା | ୭୩-୭୬ |

# କୁଇଦିନା ପିଅପଟା

(କୁଇଦିନା ହଲଦୀବସନ୍ତ)

# କେରଣ୍ଡି ଟେକି

ଦେରିନାରି ମାଇନାଙ୍ଗୁ ତିଡ଼ିଇତ୍ତୁ,
ନାଇ ଏଲୁ ପୁସି ବାହାଡେ ଏଃଙ୍ଗେ ମାନେ,
ଦେରିନି ଇତ୍ତୁତାରି କୁଣ୍ଡ୍ରା ଦାରା,
ନାଡ଼ିସତ୍ତୁ ସଡ଼ିଟି ଜଡ଼େକା କିସ୍କାଙ୍ଗା,
ରଣ୍ଡେ କିରୁ ଅଜାନେ, ଏ କୁଇଟି ପଲ୍‌ମାତାନି,
ଦେରି ଇଟାନେ ବିଶାକାଙ୍ଗା, ରସ୍‌ଣ ଏଙ୍ଗା ସିଙ୍ଗାଗୁଣ୍ଡା,
ସତ୍ତୁକୁଇଟି ଡୁକ୍କାନା ଇଟାନେ ସାଗ୍ରୁମିନ୍‌ଙ୍ଗା,
କଗେରି ସରାତାନି ଆଡ଼ସାନା ଇଟାନେ ସଗ୍ରୁକାଙ୍ଗା ।

ବିଲୁଡ଼ି ଆତେକା ଦେରିନି ନାଡ଼ିସତ୍ତୁତା,
ଗୁଲେ ମିତାଙ୍ଗା ଗୁସାନା କପ୍‌କିସେଗ୍ରୁ,
ଆଜା, କେରଣ୍ଡି ରଣ୍ଡା ବେସ୍ତାମୁ ।
ଦେରିନି ବାହାଆ ମାସେ କେରଣ୍ଡିଟେକି-
ଗୁଞ୍ଜି କେରଣ୍ଡି, ମେଟ୍‌କା କେରଣ୍ଡି,
କାଣି ନାହଡ଼ି ବାଲାଡାଣ୍ଡା ଡେଃକିତାରା,
ପାଇକାଙ୍ଗା, ମାସ୍ତ୍ରଙ୍ଗା ମାଡା ବେଡାରା,
ଆନ୍ଦାରିକୁଟ୍ଟୁ ରୁଟ୍ଟୁ, ଡ୍ରେଣ୍ଡସୁକା ସ୍କଃତାତାରା,
ସଟଅକେରଣ୍ଡି ଲାମ୍ବାକେରଣ୍ଡି,
ଇସେ ଲାମ୍ବାଯେ – ଗାଡ଼ାଡ଼ାଇ କୁଣାଡାଣ୍ଡିକି ଏନୁ,
ବେଇତେ ବେଇତେ ବେସ୍ତକା ବେଏ ବିହଅ ।

# ଯାଦୁହାଣ୍ଡି

ବଡ଼ମା'ର[୧] ଆମ ସାହି ଶେଷ ଘର
ମୋ ହେଜ ହେବା ଦିନଠୁ ସେମିତି ରହିଛି
ଗୋଟିକାଠର ମୋଟା କବାଟ[୨]
ଚୁଲିପାଖେ ଦୁଇଟି ବଡ଼ କୁମ୍ଭାରଟିପା ହାଣ୍ଡି[୩]
କାନପାଖେ ଗୋଟିଏ ଖଣ୍ଡିଆ
ତା'ଉପରେ ଘୋଡ଼ା ପଲମାରେ
ବଡ଼ମା' ରଖିଛି ନାଲି ଲଙ୍କା, ହଳଦୀ, ରସୁଣ
ଚୁଲି ଉପର ଝଲରେ ଖୁଞ୍ଚିଛି ଶୁଖୁଆ
ଛୋଟ ଘଡ଼ିରେ ରଖିଛି ଲୁଣଇ  କାନ୍ଦୁଲ ।

ସଞ୍ଜହେଲେ ଚୁଲିମୁଣ୍ଡ ଘେରି,
ସବୁତକ ସାହିପିଲା କରୁଥିଲେ ଅଳି,
ବଡ଼ମା', ଗପଟିଏ କହ ଗପଟିଏ କହ,
ବଡ଼ମା' ବାଢୁଥିଲା ତା' ଯାଦୁହାଣ୍ଡିରୁ ଗପ,
ପେଚା ଗପ, ମୟୂର ଗପ,
ବଲିଆ କୁକୁରର କାଠବୁହା ଗପ,[୪]
ନାଲିପୋଲିସ୍, ମାଷ୍ଟ୍ରଙ୍କ ମାଡ଼ କଥା,
ଘାଟିରାସ୍ତା, ଲଞ୍ଜାତାରା ଆସିବାର କଥା,
ଛୋଟ ଗପ, ଲମ୍ବା ଗପ,
ଏତେ ଲମ୍ବା ଯେ – ଏ ଗାଁଆରୁ ସେ ଗାଁ ପାଇବ
ପ୍ରତିଦିନ କହିଲେ ବି ସରେନି,
ସେଇ ଯାଦୁ ହାଣ୍ଡିରୁ ଗପ ।

ଦେରି ଏସ୍ତିମାସେ ଗାଣି କେଡୁତାନି,
କେତାଙ୍ଗା ଉହାତାନି -
ଇକଲି ବାଣ୍ଡିତାକେ ଦେରି ଢାମ୍ପା ପୁନେଏ
ଗୀରା ବେଏ ଦେରିନାରି ଟିଣି ।
ଏଲୁ ବାଇମାନେ,
ଚାକିରୀ ଗିବାତିଙ୍ଗି ନାଟଟି ସ୍ୱଡ଼ହତାତି ଗାଲା,
ଦେରିନି କାନ୍‌ଗା କାଣ୍ଟକା ଲିପିଇପ,
ନଞ୍ଜାନା ବେସ୍ତାତେ-
ସାଲାମ୍ପବା, ବାଡିଉଡି ଆମ୍ପୁ,
ବାଡେକା ନାଇସେଲୁ ସିଣ୍ଡା ରଣ୍ଡା ତାସା ଛିଆଦି ।

ଈ ମାଦେ ଏସେ ଦିନା ବାସାରି ସାସେ,
ଇଜକି ବାଜାନା ମେଃତେ-
ଦେରିନି ଦାରାତାନି ଅତାଙ୍ଗା ଡସାନ୍ଥ,
ଦାରା ଦାପା ଆଇସିଡେ,
ଆଜା ବେସ୍ତାତେ,
ଦେରିନି ସାଜାନା ରି ମାସ ଆତେ ।
ସିଃ, ଦେରି ନାନ୍ଦା ସିଣ୍ଡା ରଣ୍ଡା ଟାଟା ମୁଆତେ ।

ତୁଡ଼େଞ୍ଜିଆ ଦେରିନାଆ କିସ୍ବାଙ୍ଗା ତୁହାସେରୁ,
ରସ୍ଣ, ବିଶାକାଙ୍ଗା ଲାଞ୍ଜାସେରୁ,
ଆଙ୍ଗାମିତାଙ୍ଗା ବଗାଙ୍ଗା ବେଶିବେଶି ଏନ୍ଦା ଦୁଃନେରୁ,
ଗୁଲେ ଲକୁରି କାପ୍‌କା ଗିପିସୀ ମାଇଦେରି,
କାପ୍‌କା ଗିଏଗିଏ,
କାଲି ମୁଡେଞ୍ଜି ଇଙ୍ଗି ମୁଡେଞ୍ଜି ସଟେ-
ତାନ୍ଦାରା କେରଣ୍ଡି ଟେକି ତୁସାନାଇ ।

***

କେଢୁ ଯାତ୍ରା,[୫] ଧାନରୁଆ ବେଳେ,
ବଡ଼ମା' କଣ୍ଠରୁ ଫିଟୁଥିଲା ଗୀତ,
ଖାଲି ଟିକେ ପକେଇବା ଡେରି,
ଗୀତ ନୁହେଁ, ତାହାରି ସେ ପକ୍ଷୀର କାକଳୀ ।

ମନେ ପଡ଼େ ମୋର ସେଇଦିନ,
ଚାକିରି କରିବା ପାଇଁ ଗାଁ ଛାଡ଼ିବା ବେଳେ,
ବଡ଼ମା'ର ଆଖି କେତେ ଲୁହ ଛଳ ଛଳ,
କହିଲା, ଆସିବୁ ବେଗେ ବଡ଼ଲୋକ ହୋଇ,
ମୋ ପାଇଁ ଖଣ୍ଡିଏ ଆଣିବୁଟି ଶାଢ଼ୀ।

କେଡ଼େ ବେଗେ ଯାଏ ସମୟର ଘେରାବାଲି,
ବର୍ଷ ମାସ ଲାଗେ ଦଣ୍ଡଟିଏ ଭଳି,
ଗାଁକୁ ଫେରି ମୁଁ ଦେଖିଲି,
ବଡ଼ମା' ପିଣ୍ଡାରେ ଛେଳି କରନ୍ତି ପାକୁଳି,
ବୋଉ କହିଲା -
ଦୁଇମାସ ହେବ, ବଡ଼ମା' ଚାଲିଗଲା ଆରପାରି,
ହାୟ, ଦେଇପାରିଲିନି ତା'କୁ ଖଣ୍ଡେ ଶାଢ଼ୀ!

ଶୀତଳା ତା' ମଶାଣୀର ଚଉପାଖେ,
ରସୁଣ, ହଳଦୀ ଲଙ୍କା ଦେଇଛନ୍ତି ବିଞ୍ଚି,
ଖପରାରୁ କୁମ୍ଭାରଟିପା ହୋଇଯାଏ ବାରି ।

ନାଚିଥିବେ ନାତିଦଳ[୬],
ଭଙ୍ଗା କୁଲା ଟୋକେଇ ବଜେଇ,
ସଭିଙ୍କୁ ହସାଉଥିବା ବଡ଼ମା' ଆମରି,
ସମସ୍ତଙ୍କୁ ହସାଇ ହସାଇ,
ଚାଲିଗଲା ମେଘ ଆରପାରି -
ତା' ଯାଦୁ ହାଣ୍ଡିକୁ ମୁଣ୍ଡେଇ।

+++

# ଟଟକଡ଼ି

ମେଡ୍ରୁବାଲି କୁଇଟି ମାନ୍ଦେ କୁଡ଼ି,
ମାଇଆପ ବେପିନେଞ୍ଜ୍ରୁ ଏମ୍ବା ଟଟକଡ଼ି,
ପାକାଲି କାପ୍ସାନେ ମାନ୍ଦେ ନେଡା,
କାଙ୍ଗା ତାସାନୁ ପୁଙ୍ଗା ପ୍ରୁସ୍‌ନା ପ୍ରୁସ୍‌ନା ।

ମାକାଡ଼ାକା ବାଇମାନୁ ପିସ୍କି ପିସ୍କି,
ମାକିଙ୍ଗା ଡୁସ୍କିମାନୁ ଲାଇଟି ଲାଇଟି,
ଲାଦାକେତା ମାଇସେଲୁ ମାନ୍ଦେ କାଙ୍ଗାନେଡା,
ମେଃପି ଦୁଃମୁ ନଇଟି ବେଅଟି ,
ଆନୁ ବ୍ରଡ୍‌ପିଞ୍ଜାଇ ଦୁଆଲି,
ଆପ,
ପାକାଲି ଉର୍ମିଗିଇସି ବେଡାମ୍ବୁ ଟଟକଡ଼ି ।

ବାହିଡି ଗିନାକା ଏବା,
ଢାମ୍ବାମ୍ବୁ, ଅମ୍ବୁ ଉକଡ଼ି,
ଆଢା ସିଆନାନେ ଢିଲିଙ୍ଗା,
ସୁଗିବାମ୍ବୁ ସାରୁମିନୁ ରଣ୍ଡା,
ଆନୁ ତାପ୍‌କିଙ୍ଗାଇ ସିରୁ କାଲୁସଡୁଡ଼ାଇ,
ଇଦେନେ ବାଇମାଇ -
ମାଦେମାଦେ ବେପିଦୁଃମ୍ବୁ ଟଟକଡ଼ି ।

# କାଠଢୋଲ୍

ପାହାଡ଼ର ସୀମାଛୁଏଁ ଆମ କାନ୍ଦୁଲ ପଦର,

ଡାଳେ ଡାଳେ ଫୁଟିଛି ତା' ଫୁଲ ଭରପୂର,

ମୟୂରନଚା ପଥରର କୁଡ଼ିଆରେ ବସି,

କାଠଢୋଲ ବଜାଏ -

ଛୋଟ ଭାଇ ମୋର ।

ହନୁପଲ ଆସୁଛନ୍ତି ଡେଇଁ ଡେଇଁ,

ପାତିମାଙ୍କଡ଼ ପଶୁଛନ୍ତି ଲୁଚିଛନ୍ତି,

ସ୍ୱର୍ଣ୍ଣପ୍ରସୂ ଆମ ଏଇ କାନ୍ଦୁଲ ପଦର,

ବାବୁରେ,  ଆଗପଛ ଚଉଦିଗ ରଖିଥିବୁ ନିଘା,

ମୁଁ ଜଳାଉଛି ଠାଏ ଠାଏ ନିଆଁ,

ଦୁଲୁକେଇ ଜଙ୍ଗଲ ପ୍ରାନ୍ତର,

ବଜାଉଥା କାଠଢୋଲ ତୋର ।

ଥକିଲୁ କି ଧନ ମୋର,

ରହିଯା ଦଣ୍ଡେ, ଟିକିଏ ମାରିନେ ନିଶ୍ୱାସ,

ମାଆ ଦେଇଛି ପଖାଳ,

ଆ, ପୋଡ଼ିନେ ଶୁଖୁଆ ଖଣ୍ଡିକ,

ମୁଁ ଆଣୁଛି ପାଣି ମଦରଝରାରୁ,

ଏଇ ମୁଁ ଆସିଲି,

ଟିକେ ରହି ରହି -

ବଜାଉଥା କାଠଢୋଲ ତୋର ।

ବେଣ୍ଡାବେଲା ସୁଞ୍ଜାକୁନା,
ସଡାନୁ ମାକିଙ୍ଗା, ନିଙ୍ଗେ ଅତାନେ ମାକାଡ଼ି,
କାଙ୍ଗା ସାଃତେକା ନୀ ସେଲୁ ପୁଡିଙ୍ଗା କଡ଼ାଯିଆଇ,
ଇସ୍କୁଲିକି ସାଜିଡ଼େ ବାଡ଼ଣ୍ଡି,
ମେଃପିଞ୍ଜିତ କାଙ୍ଗା ଡେଲାଙ୍ଗା ବ୍ରେସ୍କିନୁ-
ଇଗାରି ଆଜୁ ରଣ୍ଡା କଡ଼ିନାସୁ କଡ଼ି ।

ନାଡ଼ି ସାପୁମୁ କୁଡ଼ିତାରା,
ବେଲାଏତେ ରେଙ୍ଗେଡ଼ି କୁଇକି,
ପେନିପୁଙ୍ଗା ପୁପିମାନୁ
ପଟାକାଟି ବ୍ରେପିମାନୁ ତାଡ଼ା ଜଣ୍ଡିଙ୍ଗାନ୍‌ଙ୍ଗି,
ମାଇବାତ କାଲୁପଟା-
ଏଆନିତି ସିତେ ଏଲୁ ଗିନା ଡେଲି,
ସାଡ଼ାସାଡ଼ା ତାକାରାମୁ,
ରାକୁଡ଼ି ବାଡିଙ୍ଗା ଆବା ମେହାନା ଡୁତାମୁ,
ଅନେନି ପାକାଲିତାରି ବେଏ ଜାମ୍ପିତେ ଟଟକଡ଼ି ।

***

ଖରାବେଳେ ଶୋଇପଡ଼ିବୁନି,
ପଶିଯିବେ ପାତି,
ତୋତେ ହନୁ ନେବ ଆସି,
କାନ୍ଦୁଲ ଅମଳ ହେଉ -
କିଣିଦେବି ପାଠ ବହି,
ଆରବର୍ଷ ଯିବୁ ତୁ ଇସ୍କୁଲ,
ଦେଖୁଛୁତ, ଫୁଲ ଭାରେ ଡାଳ ନଇଁଯା'ନ୍ତି
ଏ' ସନ ଗାଈଟିଏ ଆମେ କିଣିବା ନିଶ୍ଚୟ।

ନିଆଁ ଲିଭା କୁଡ଼ିଆର,
ସୂରୁଜ ଛୁଇଁଲାଣି ଆସି ରେଙ୍ଗେଡ଼ି' ଶିଖର
ଶୀତଫୁଲ ଫୁଟୁଛି ଆକାଶେ,
ବିହଙ୍ଗମ ଫେରିଲେଣି ନିଜ ନୀଡ଼େ,
ବାପାର ତ ମଦ ହେଲା ବଡ଼,
କୁନି ପାଦ ତୋର ପକା ଝଅଟ ଝଅଟ,
ଝୁଣ୍ଟିବୁ ପଥରରେ ବାଟ ଚାହିଁ ଚାଲ,
ସଞ୍ଜ କୋଳେ ଶୋଇଲେଣି-
ଆଖପାଖେ ଯେତେ କାଠଡୋଲ।

+++

# କୁଇଦିନା ପିଅପଟା

ରନିସି ବାଇସେଏ ବୁଲିବୁଲି,
ପେନାବିଡ଼ା ରାହାଡାନି ଲେଙ୍ଗିତେ ଗୁଲି,
ପିପାଲି ଡେଗାତାନି କ୍ଲାପିସୁ କାକାଙ୍ଗା,
ଏମ୍ନେକି ସାସି ପିଅପଟା-
ଆନାଡ଼ିକି କିନ୍ ଇସି ?

ଲୁହୁରାଙ୍ଗାନି ପେଟାପାଙ୍ଗା,
ମିଅନେହେରା ନିସାଙ୍ଗା ଏସେ ତ୍ରେହତେ କାନ୍‌ଗା,
ଏସାକାଲା ପିଅପଟା ସାସେ ଇର୍ପି ଡେଲି,
ଟୁଡ଼ିମାହା ପେସ୍କାଇମାଇ ରଆନେ, ଏକଡ଼ି ଏକଡ଼ି ।

ଗୁଞ୍ଜୋଲିପୁଙ୍ଗା ପୁଡେକାନି ନିଙ୍ଗେ ଦାଃପିଞ୍ଜାଇ,
ଲଏରିମାଲା ପଜାନାଇ ସେଣ୍ଡ ମେଃପିନାଇ,
ଆନାଆତି, ଏମ୍ନେ ସଟି
ମାର୍ଗିତି ମାହାପଲାତା ଗିନା ଇର୍ପି ପଲାତା,
ନିବାହା ଗାଣି ରଣ୍ଡେ ସିଡେ ଇଞ୍ଜି-
କାପ୍‌କା ମିଲି ଇଞ୍ଜିସିଡେ ଇକୁ ଟଣ୍ଡାଙ୍ଗାନି ।

ମେଃପିସିଡାଇ ଗିନା ବ୍ରିଙ୍ଗାଇମାନୁ ନାସ୍କା,
ପାଲ୍‌ସି ଆଃପା ବୁଡ଼ଜିତେରୁ ଲାବେଙ୍ଗା,
ମାପେ ଝୀଅ ରିହେଜାକ ଫେଲି,
କାନ୍‌ଗା ଶୂସିତାକେ ମ୍ବାଙ୍ଗିନେ ଗିନା-
କୁଇଦିନାତାରି ଦୁକୁସାକି !

# ହଳଦୀ ବସନ୍ତ ପ୍ରତି

ଦିନେ ଆସୁଥିଲି କୁଇଦିନା ବୁଲିବୁଲି,
ପେନାବିଡ଼ା[1] ଗାଁ ମୁଣ୍ଡେ -
ଚ଼କା ମୋର ପଡ଼ିଲା ହୁଗୁଳି,
ଅଶ୍ୱତ୍ଥ ଡାଳରେ ଖାଲି ରାବୁଛନ୍ତି କୁଆ,
କାହିଁ ଗଲୁ ହଳଦୀ ବସନ୍ତ ମୋର,
ବହୁଦିନୁ ଶୁଭୁନାହିଁ ସୁରଟି ତୋହର।

ଲୁହୁରିଙ୍ଗିଆ ଉପକଣ୍ଠେ ଗ୍ରାମ ପେଟାପାଙ୍ଗା[2],
ଗାଁ ପ୍ରାନ୍ତରେ ଠିଆ ହୋଇ ନିଘା କଲି ଚଉଦିଶା,
ଗାଇଦେ ତୁ ଗୀତଟିଏ...
ଏ ବରଷ ମହୁଲବେଳ ଯାଇଅଛି ସରି
ଏକା ଏକା ଗୋଟାଉଛି, ଆମ୍ବଠୁରି।

ଫୁଟିଲେ ବନସ୍ତେ ଫୁଲ ତୋତେ ମୁଁ ଖୋଜୁଛି,
ମିଠା କନ୍ଦା ଖୋଳିଲେ ବି ତୋତେ ମୁଁ ଝୁରୁଛି,
କ'ଣ ହେଲା କାହିଁଗଲୁ-
ଲୁଚିଛୁ ଯାଇ କେଉଁ ଆମ୍ବ ମହୁଲ କୋରଡ଼େ,
ତୋ ସଂଗୀତ ନଶୁଭିବା ହେତୁ,
ମୁରୁଝି ଗଲାଣି ହସ ଲୋକଙ୍କ ମୁହଁରୁ।

ଦେଖିପାରୁନୁ କେମିତି ଭାଙ୍ଗୁଛି ଗାଁ, ସାହି,
ଟୋକା ସବୁ ବିମୁଖ ହେଲେଣି,
ଦି ବର୍ଷ ହେଲା ମୋ ଝିଅ ପାରୁନି ଶ୍ରେଣୀ ଉଠି,
ଆଖି ତୋର ମୁଜିଦେଲେ କ'ଣ ଘଲିଯିବକି
କୁଇଦିନା ଭୋକ, ଦୁଃଖ, ଅସୁବିଧା ରାଜି !

ଏସାକାଲା ପିଅପଟା ପିଲିପିଲିନା,
ନିଙ୍ଗାକାରୁ ସୁସ୍ମିନାକା,
ତିଙ୍ଗାକାରୁ ପାଞ୍ଜାନାକା,
ଏଙ୍ଗାକାରୁ ତ୍ରସାନାକା,
ନୀ ଗାଣିଡ଼ାଇ ବେସୁମୁ ପୁନି ପାହେରି ।

ଆଇମାନେ ଜିଦାବାନା ମାସୁମାଙ୍ଗୁରି,
ବ୍ଡେତାମୁ ଉତେ ପିଅପଟା-
ଜପିଞ୍ଜାଇ ନିନ୍ଦାଆ ପାହେରି ।

⁂

ଗାଇଯାଆ ତୁ ହଳଦୀ ବସନ୍ତ,

ଉଠନ୍ତୁ - ଶୋଇଥିବା ଲୋକ,
ନିଶାତେଜି - ମାତାଲ ଲୋକ,
ହଟିଯାନ୍ତୁ - ମାଡ଼ିଥିବା ଲୋକ,
ତୋ ଗୀତରେ ଦେଖା ଏକ ନୂଆ ସରଣୀ।

ନଇଲାଣି ସଞ୍ଜ, ଅନ୍ଧାର ଆସିବମାଡ଼ି
ଆ, ଫେରିଆ ସୁନାଟି ମୋର -
ଆଖି ବିଛାଇ ରହିଁଛି ବାଟ ତୋହରି ।

+++

# ବେରଡ଼ି ବାଡି

ବେଞ୍ଜାମୁଲା ନାଇ ଛୁଟୁ ରଗା,
ଲାବେଞ୍ଜୁ ବାଇସେଞ୍ଜୁ ନାଇବାଗା,
ସିଆନା ସାଜାତେଞ୍ଜୁ ଯୁଗା ।

ନିଙ୍ଗେ ତ ବେସ୍ତାତେ ରଗା-
ସାଲ୍‌ବାକୁନା ଶାସିଙ୍ଗାନିସେଲୁ ଏଜୁବାଜା,
ରହେଏ ଆଜୁ ସିପ୍ପିଙ୍ଗା ଡୁସିନା,
ମସଲା ଗ୍ଲାଃନାସୁ, ସିରୁ ଡୁସିନା,
ମୁଣ୍ଡି ଆଏନୁ ଆନୁ ଏଆରିତାରା ମ୍ଲାକ୍‌ନା ମେଃ
ଆଜୁତ ପାଇଟି ଗାଟାସୁ ପାଇଟି ଗିନା,
ମାଇମାନୁ ଜିଲିଙ୍ଗା ଏଜୁ, ମାନେ କପୁକୁଷା ।
ମୁସୁକି ଇଞ୍ଜି ମୁସୁକି ଇଞ୍ଜି ସଡ଼କି ବାତେଞ୍ଜୁ,
ସିରୁ ଗିଲାସି ଜାସାନାଇ କାଜୁ ପଜାତେଞ୍ଜୁ,
ଢେଡା ଗିଆଇ ଇଞ୍ଜାନାଇ-
ଗଡା କାତାତେଞ୍ଜୁ ।

ଆଶା ଏଲୁ ଗସା ସଲ୍‌ନେ,
ଆଟାମାଦେ କିସାତାକେ ପେନିଶୁଡୁ ବେତାନେ,
ସଟେକା କାଲି କକ୍‌ତେକା-
ଟେକି ଗିନା ଅଟେଏ ପ୍ରାପାସାନେ ।

# ତୁଠ ପଥର

ଶୁଣ ଆଲୋ ମୋର ସଖି,
କାହୁଁ ଅଇଲା ସେ ପରଦେଶୀ ଚଢ଼େଇ,
ଉଲିଗଲା ମୋ ଛାତିରେ ପଥର ଲଦିଦେଇ।

ତୋତେ ମୁଁ କହିଲି ସଖି -
ଯାଆନି ସେ ପରଦେଶୀ ପାଇଁ ଭାତ ରାନ୍ଧି,
ଆମେ ଦୁହେଁ ଚିପ୍‌ସ ବୋହିବା,
ପାଣି ଆଣି ମସଲା ଫେଣ୍ଟିବା,
ସହି ପାରେନା ମୁଁ ତା'ର ହାଉଁ ହାଉଁ ଆଖି,
ଆମେତ ମୂଲିଆ ଏଠି ପାଇଟି କରିବା,
ଅଛି ଆମର ପଖାଳ, ବରଡ଼ା ଶାଗ।

ମୁରୁକି ମୁରୁକି ହସି ପାଖକୁ ଆସିଲା,
ପାଣି ମାଗିବା ବାହାନାରେ ହାତ ଟାଣିନେଲା,
ଭଲପାଇବ ମୋତେ କହି -
ଗୋଛି କାଟି ଗଲା।

ଏମିତି ତ
ଝିଅ ବୁଦ୍ଧି ବଣା ହୋଇଯାଏ,
ହାଟମଝିରେ ଛୁଇଁ ଦେଲେ ଶୀତକଣ୍ଟା ମାରେ,
ଥରେ ହାଣ୍ଡି କଳା ଲାଗିଗଲେ,
ସେ ହାଣ୍ଡିକି ଆଉ କିଏ ନିଏ ?

ଆନୁତଲା ଗଞ୍ଜୁବେଡ଼ି,
ଶାସି ସତେଡ଼ି କିଆନା କାଡୁ ଲେକ୍ବା ମାଇ,
ରୀ ମାସ ସାସେଡ଼ାଇ,
ଦାହାଜିଆମୁ ରଗା-
ନାଇସେଲୁ ଗାସ୍ବା ଡରୁ ।

କୂଆଡରୁ ମାନାକାରି ସିରୁ କଡାତିକି,
ଆନାଡ଼ିକି ସାଦି ଇନୁ ଏ ପେଦାକଡି ବାଗି,
ଏଆଞ୍ଜୁତ ଦୂରୁଦିନା କୁଲୁରିପଟା,
ଆଚୁସାନା ଅସତିଙ୍ଗି ଉସ୍ବାମୁ ଡାଟା,
ମ୍ବିଆ ଡେଲାଙ୍ଗା ଲେଙ୍ଗାକାଇ,
ପ୍ରାଞ୍ଜୁମାଲାଙ୍ଗା ପ୍ଲୁଙ୍ଗାକାଇ,
ଛୀଉ ନିନ୍ଦା କପ୍କାକୁନା,
ଆନ୍ଦାରି ବାଙ୍ଗାମାନେ ଆଚ୍ଚୁ ଡିପ ରୁତିନା,
ଗିଆନି ଦୁଷ ସେପାନାଇ ରିହେଗି ନିମ୍ଦିନା ।

***

ମୁଁ ବି ଗୋଟେ ସୁନ୍ଦୁ ଓଲି,
ପରଦେଶୀ ପାଣ୍ଠୋଇଟେ ପାଇଁ,
ନିଜ ପାଦେ ଯେଟ ପକେଇଲି,
ଦିମାସ ଗଲାଣି ସଖି,
ଆଣିଦେ ଦଉଡ଼ି -
ଫାଶୀ ଦେଇ ପ୍ରାଣ ଦେବି ହାରି ।

ଦଉଡ଼ି ତା'ର ରହିଥାଉ ପାଣି ଟଣାପାଇଁ,
କାହିଁକି ପରାଣ ଦେବୁ ସେ ଦଗାଦିଆ ପାଇଁ,
ଉଡ଼ିଗଲା ଗେଣ୍ଡାଳିଆ ଝାଡ଼ିଦେଇ ପର,
ଦୃଢ଼ ଇଚ୍ଛା ଥିଲେ ନିଶ୍ଚେ ଅଛିଲୋ ଉପାୟ,
ବାଧା ଯେତେ ହଟିଯାଉ,
ଗୋହିରୀ କଣ୍ଟା ଉଡ଼ିଯାଉ,
ମନ ତୁମ ଥୟ ଧର,
ଅନ୍ଧାରକୁ ଯୁଝୁଥିବା ଡିବିଟିଏ ଭଳି
ଆମେ ବି ଲଢ଼ିବା,
ପଛ ଭୁଲ ଭୁଲିଯାଇ,
ପୁଣି ଥରେ ବଞ୍ଚିବା ।

+++

# ମ୍ଲିବା କ୍ୱାଡି

ଗସାଡ଼ାଇ ମ୍ଲାଟ୍‌କା କୃଃକା ଗୁଲେ ମୁହିଆତୁ,
ପୁନିତାନି ଅଟେ କ୍ୱାଡି ବ୍ୱାପି ସିଡେ,
ଆଜାଆବା ଗୁଲେଲକୁ ତିଜାଦୁ—
ନାସ୍କା ନାସ୍କା ଡ୍ରେବିମାନେ ମ୍ଲିବା କ୍ୱାଡି ।

ଇଡୁପାଟି ଦାଃକାତାକେ ମେହି ମେହି ସାଜୁ,
ଆଙ୍ଗାରାଙ୍ଗା ପ୍ରାକାତାକେ ଡୁକିଡୁକି ଡୁଡାଦୁ,
ମିପେ ପ୍ୱେକି ସଡାତାକେ ଆଜିଆଜି ମାଞ୍ଜୁ,
ଲକୁରାକା ବାଣ୍ଡାମାନେ ଏରି ମ୍ଲିବାକ୍ୱାଡି ।

ଆକାଡ଼ି ଆତେକାନି ଦେହାନେ ସଡ଼ିକି ବାଇନେ,
ଆସ୍ପା ଗିତେକା ମୁସୁକି ଇଞ୍ଜିନେ,
ଏମ୍ୱେକି ଇନୁ ଦେଗିଦି, ନାଇବାହା ଦିଆନାଦି,
କଡ଼େକା ରୀକଡ଼ି ଲାଇଟି କଃତାମୁ,
ଭତ୍ତା ଅଦି, ଲୁନ୍ ଅଦି, ଗିନା ଅଦି ସାଟିଫିକେଟ,
ଡ୍ରେଣ୍ଡ ଡେସାନା ଜାଡ଼୍‌ସା ଜିଆଇ,
ଆନୁ,
ସର୍କାରୀ ପହିଗିଆନି ଦେରି କ୍ୱାଡି,
ମ୍ଲିବା କ୍ୱାଡି ।

***

# ପାଲଟା ବାଘ

ବଣରୁ ଠେକୁଆ ହରିଣ ଉଭେଇଗଲେ,
ବାଘ ବି ଡେଉଁନି ବାଟ ପୂର୍ଣ୍ଣମୀ ରାତିରେ,
ଲୋକମାନେ ଜାଗିଉଠ,
ଆସିଛି ପାଲଟା ବାଘ, ବୁଲୁଛି ସାହି ସାହି।

ଘର ଖୁଣ୍ଟି ଖୋଜି ଗଲେ ଦେଖିପାରିବ ନାହିଁ ଯାଅ,
କୋଇଲା ହାଟକୁ ନେଲେ ଧିରେ ପାଦଥୁଅ,
ଘରେ ପେର ପଶିଲେ ବି ଥରି ଥରି ରୁହ,
ମଣିଷ ରକ୍ତ ଚାଖିଛି ଏଇ ପାଲଟା ବାଘଟି।

ହଲ୍ଲା କଲେ ପାଖକୁ ଆସୁଛି,
ଡରେଇଲେ ତା'କୁ ସେତ ମୁରୁକି ହସୁଛି,
କହୁଛି,
କାହିଁ ଖସିଯିବୁ ମୋ ହାବୁଡ଼େ ପଡ଼ିଛୁ,
ଦଶ ପାଞ୍ଚ ଅଛି ଯାହା ମୋ ପାଖରେ ପକା,
ତା'ପରେ କହ ତୋର କ'ଣ ଦରକାର-
ଭତ୍ତା, ଋଣ ନା ସାର୍ଟିଫିକେଟ୍,
ଲାଞ୍ଜ ଟେକି ମୁଁ ସବୁ ଝାଡ଼ି ଦେଇପାରେ,
ମୁଁ ସରକାରଙ୍କର ପୋଷା ବଡ଼ବାଘ,
ସରକାରୀ ବାବୁ।

+++

# ବାହ୍ମା ଟେଂକି

ଇନୁ ମିସା ବୁଡ଼ଙ୍ଗା ଦୁଃଦି,
ମି ସାଇନେହେରା ସୁଗାକୁଇଟି,
ନୀ ପାକାମାସି ପାଡେଲି ପୁଞ୍ଜୁ,
ନେଞ୍ଜୁବେଏ ଆଡ଼ସାନା ଇଟାମାଇ ।

ଏସିଗାଲା ପିଅପିଅ ଡାଞ୍ଜୁତାନି,
ମି ମିନ୍ଙ୍ଗ ମ୍ରାହ୍ମଣ୍ଡୁ ନେଡେଟି,
ଡାଡ଼ବାତା କକ୍ଳାସି ଇନୁ ଡ୍ଲାଉ ପିହ୍ମାନା,
ମାଢାମାସି ଆକା ନୀ କୁଇଟି,
ମୁଡେଞ୍ଜିଡ଼ାଇ ସୁକାଙ୍ଗା ଜୁଡ଼୍‌ପିନାତ୍ତୁ,
ଆର୍ଡା କୁଇଟି ଡଇ ଡେଃଙ୍ଗି,
ଦୁରୁଟି ମେହ୍ମାନାତେ,
ଈନୁ ଡ଼େକି ଇଞ୍ଜାନା ନିଙ୍ଗତି, ଏଙ୍ଗା-
ମିନ୍ଦେ ଡିଗାଲି ଲିଟଲଟ ଆତେ ।

କୁଲିବିଲୁ ପାଟାଙ୍ଗାନି କାକାଆହ୍ମାନା କକ୍ଳାସାନି,
ଈନୁ ଜାସାନାତି-
ଆନୁ ନିଙ୍ଗେ ଆନାଆ ସିଆଇ,
ଢେଡାତ ଆଗନେ ସିଆନାତେ,
ଅଟେ ଆନାରି ମାସେ ନାଇବାଃତା,
ନେଗାରି, ମୂଲୁତାରି ଏଙ୍ଗା ନୀ ଲୁଡାତାରି,
ନୀନ୍ଦା ଲକୁବାହ୍ମା ପଙ୍ଗା,
ନୀ ପାଦାଡ଼େଏ ଅସ୍କୁ କେସଡ଼ି ବେନ୍‌ବା ମୁଆନାକି,
ନୀ ବାହ୍ମାଡ଼େ ଦୁରୁକି ସାସେ,
ପ୍ରିହ୍ମା ବେସାନି ଆଜ୍ଜିବାଡି ଡେଃଙ୍ଗି ।

# ମାରୁ ହାଣ୍ଡି

ତୁମେ ବି ହୁଏତ ଭୁଲି ଯାଇଥିବ,
ଗାଁ ତଳମୁଣ୍ଡ ଚୁଆଁ ପାଖରୁ
ତୁମେ ଖୋସିଥିବା ପାଳଧୂଆଁ[୧] ଫୁଲକୁ
ଆଜି ବି ମୁଁ ସାଇତି ରଖିଛି ଲୁଚାଇ।

ସେଇଦିନ ରୂପାଝରା ଜହ୍ନ ଆଲୁଅରେ,
ସଜନା ଗଛ ତଳର ପାଣିଓହ୍ଲା ପଟାରେ[୨]-
ତୁମେ ବସିଥିଲ କେଶ ଖୋଲି ଦେଇ,
ହଳଦିଆ ପାଚିଲା ପତ୍ର ସବୁ ଆକାଶରୁ ତାରା ଆଣି-
ଗୁନ୍ଥୁଥିଲେ ତୁମରି ଗଭାରେ ।

ପାଚେରୀ କାନ୍ଥରେ ଥିବା ଏଣ୍ଡୁଅଟେ ଭଳି
ମୁଁ ଲୁଚି ଦେଖୁଥିଲି ତୁମକୁ,
ଚମକି ଉଠିଲ ତୁମେ ଏବଂ
ତୁମ ପିତଳ ମାଠିଆଟା ଚେପା ହୋଇଗଲା।

କୁଳିବିଲୁ[୩] ଶିଳାପରେ ହାତଛନ୍ଦି
ତୁମେ କିଛି ମୋତେ ମାଗିଥିଲ,
ହୃଦୟଟି ଦେବା ପରେ କ'ଣ ଅବା ଥିଲା
ଯାହା ତୁମ ପାଇଁ କିଛି କାମରେ ଲାଗିବ,
ନିନ୍ଦା, ଅପବାଦ ତୁମନାଁରେ ଶୁଣି ପାରିବିନି
ଏଥିପାଇଁ
ମିଳେଇ ଗଲି ମୁଁ ଦୂରକୁ
କଞ୍ଚା ଆମ୍ବ ଝଡ଼େଇଥିବା କୁଆପଥର ଭଳି।

ନୀନ୍ଦାରା ପ୍ଲୁଟ ଉଃପା ଲବା ଆଇମାଇ,
ବେଗାକା ମେଃନେଗୁ-
ନୀନ୍ଦା ସେଡ଼ି ସ୍ଲିକ୍ତିଗାଲା,
କାଲୁ ଉଟେ ସିନା ସସାତେନ୍ଲୁ,
ପାଡେଲିପୁଙ୍ଗୁ ପଙ୍ଗାନାଇ ନାଡିସି ବେଗିତେ,
ଇନୁ ନାଙ୍ଗେ ବିଡା ଦୁଃତାଦି-
କାଲାପାପେରାତାରି ଢେଡାଇଞ୍ଜି ସିଡେ ।

ମକଘାଟି ବ୍ଡ଼ିଇ ନାତାନି
ନିସିତେଏ ଗଅନାଛକ ତାନି,
ଏଲୁଦାଃପିନାତେ,
ଅଟେ ସଟେକା କୁଲିବିଲୁ ନାମ୍ଭିକାଇ,
କୁଲିବିଲୁ ସାଙ୍ଗାମାସେ ନୀ ଡେଃଙ୍ଗେ ଦୂରୁକି,
ଦେଙ୍ଗେ ଦେଙ୍ଗେନା ନିଶାମାନି ବନ୍ଧପିଡ଼ା ଇଞ୍ଜାତେ,
ବ୍ଡ଼େମୁ ବ୍ଡ଼େମୁ ଅ କାକାଲା,
ବାସାମାନି ପାଡେଲି ପୁଜୁତିକି ।

***

ତୁମ ଛବି ଆଙ୍କିବାକୁ ଲୋଭ ଲାଗୁଛି,
ହୁଏତ କେହି ଦେଖିନେବ,
ତୁମର ନିର୍ବନ୍ଧ ହେବା ଦିନ-
ଯେତେ ପିଇଲେ ବି ନିଶା ଚଢ଼ିଲାନି,
ରାତି ପାହିଗଲା ହାତେ ନେଇ ତୁମ ଫୁଲ,
ତୁମେ ଗାଳି ଦେଇଥିବ-
ଅଫେରାର ହୃଦୟତ ନାହିଁ।

ମକଘାଟି[୪] ଗଡ଼ି ଆସିଲା ବେଳେ
ଠିଆ ହେଲି  ଗଅନା ଛକରେ,
ମନ କହୁଥିଲା, ଆଉଥରେ କୁଲିବିଲୁ ଚଢ଼ିବାକୁ,
କୁଲିବିଲୁ ଶିଳାରାଜି ଘୁଞ୍ଚିଯାଇଥିଲେ ଦୂରକୁ,
ମଝିରେ ଠିଆ ବନ୍ଧହୁଡ଼ା କହିଲା,
ଫେରିଯା, ଫେରିଯାରେ ପାଗଲା
ଶୁଖିଥିବା ତୋର ସେହି-
ପାଲଧୂଆ ଫୁଲକୁ।

+++

# ପୁଷି

ଷଣ୍ଠ ଉଷ୍ବାତେ ଇଞ୍ଜାନା ଆଜିତାକେ ଆଏ,
ସ୍ରାସୁ ସଡାତେ ଇଞ୍ଜାନା ଡିର୍ଗିତାକେ ଆଏ,
ଉଜାଡ଼ାଙ୍ଗା ଜାମ୍ବାଡ଼ାଇ,
ଲକୁ ସୁସ୍କିନାନି ତିଜାନାଇ,
କାରାଜାଲା, ରାକା ଦେଅଲି ପୁହିସି,
ନିସାଗିବା ମାନେ ମାଙ୍ଗେ -
ଡିମ୍ବୁ ଡେଃଙ୍ଗି,
ମାନ୍ଦାଆ ପୁଷି ।

***

## ଉଇ ହୁଙ୍କା

ଷଣ୍ଢର ମୁନିଆଁ ଶିଙ୍ଘକୁ ଡରିଲେ ହେବନି,
ସାପ ପଶିଗଲା ହେଲେ ଛାନିଆ କାହିଁକି,
ଗଢ଼ିବାକୁ ହେବ ନିଷ୍ଠେ
ନିଜ ଘର୍ମ୍ୟ ଲହୁଦେଇ,
ଛୋଟିଆ ଉଇର ବିଶାଳ ହୁଙ୍କା ଭଳି,
ଏକ ଅନନ୍ୟ କୋଣାର୍କ।

+++

# କାଲିଙ୍ଗାଣ୍ଡ ଘାଟି

କାଲିଙ୍ଗାଣ୍ଡ ଘାଟି ପାହେରି,
ବଡା ସ୍ରାସୁ ଡେଃଙ୍ଗି ଡସାମାନେ,
ସଟେକା ଦେବାକି ତ ସଟେକା ତିନିକି,
କେରି ମ୍ଲିପ୍‌କିମାନେ ।

କାଲେଂକାଲାଡ଼ାଇ ନିଶାମାନି ବାଡିପୁଡ଼ା ସର୍ରୁ,
ସେଣ୍ଡକି ମେଃତେକା ପାଗ ଡ଼',
ନେଡେକି କାନ୍‌ଗା ଏପିସିଡଅ,
ର କାଡ୍ରୁ ଇବ୍‌ଗା ପ୍ଲୁନାତାକେ,
ଏମ୍ୱେକି ସାଜିନେ ଜୀବନ-
ସେଣ୍ଡକି ଗିନା ନେଡେକି ।

ଇ ପାହେରି,
ଆଜାସାକା ତାକାଇନ୍ରୁ ବେସ୍ୱା ପାଏରିଆକା ଡୁସିଡୁସି,
ବେପାରାଙ୍ଗା କଡିଙ୍ଗା କର୍‌କା ଡୁସିଡୁସି,
ମିଡାଡିଗା, ଡ଼ାଞ୍ଜା ବଜିଙ୍ଗା ସାଜିମାନ୍ରୁ,
ବେନ୍ ବାଇଦ ବେସିବେସି,
ମାକାଡ଼ାକା କେଃପି ମାନ୍ରୁ,
ମାକିଙ୍ଗା ନିଜ୍ରୁ ନାକାଇମାନ୍ରୁ,
ଗାଣ୍ଡିଙ୍ଗା ବାଇନ୍ରୁ ପ୍ଲୁନା,
ବରମପୁର୍ରୁ କଟକ ବ୍ଲେପିସି ।

# କଳିଙ୍ଗା ଘାଟି

କଳିଙ୍ଗା ଘାଟି ରାସ୍ତା,
ଅରଣ୍ୟର ଅଜଗର ଭଳି ପେଟେଇ ଶୋଇଛି,
କେତେବେଳେ ବାଆଁକୁ କେତେବେଳେ ଡାହାଣକୁ-
କଡ଼ ଲେଉଟୁଛି ।

ଆଦି କାଳରୁ ଠିଆ ହୋଇଛି ବାଡିପୁଡ଼ାଂ
ମୁଣ୍ଡ ତା'ର ମେଘକୁ ଛୁଉଁଛି,
ତଳକୁ ଦେଖିଲେ ଖାଲ ଆଖିପାଏ ନାହିଁ,
ପାଦଟିଏ ଖସିଲେ ବାଟରୁ -
ଜୀବନର ଗତି ହଜିଯାଏ ।

ଏଇ ରାସ୍ତା -
ଗାଁ ମାଇପ ଚାଲୁଛନ୍ତି କାଠ, ଶିଆଳିପତ୍ର ମୁଣ୍ଡେଇ,
ବେପାରି ଚାଲନ୍ତି ଗୋରୁ ଅଡ଼େଇ ଅଡ଼େଇ,
ଏକୋଇଶା, ବରଯାତ୍ରୀ ଯିବା ବେଳେ
କୋଳାହଳେ ଗିରିଗହ୍ୱର ଯାଉଛି ଦୋହଲି,
ହନୁ ଏଠି ଦିଅନ୍ତୁ ହୁଙ୍କାର,
ପାତି ବସି ସଡ଼କରୁ ଘଟୁଛନ୍ତି ତେଲ,
ବ୍ରହ୍ମପୁର କଟକରଂ ଫେରୁଛନ୍ତି କିଛି ଦେହ,
ନୀରବତା କୁହୁଡ଼ିର ଚଦର ଘୋଡ଼େଇ ।

ସାଜିସାକେ ଗୁଟ୍ଟୁ ବିହାଇ ସିତେ,
ଏସେଲକୁ ବାତେକା ବେଏ ପୁରିଆଏ,
ଗାଡ଼ିଙ୍ଗା ସାସେକା ବେଏ ସିତ୍ ଇନେଏ,
ଟୁଣ୍ଡୁପାକାଲି ଢଡ଼ିସିରୁ ଡେଃଙ୍ଗି,
ସାଙ୍ଗା ଏଙ୍ଗା ଆଜି ଇମ୍ଭା ଏସେ ଆଡିସି ମିଡିସି ।

ଲାଇକୁଇ ଲକୁ କକ୍ବାସାକେ ବେଏ
ଡ୍ରାଇବାରି ତ ରଆଞ୍ଜୋ ଏକଡ଼ି,
ଗାଡ଼ି ଭ୍ଲିମୁ ମେହାନା ବାଙ୍କଙ୍ଗା ନକିକି,
ନୀ ଗାଡ଼ିତାନି ଇନୁ ନୀଇ ଡ୍ରାଇବାରି ।

***

ଯେତେ ଗଲେବି ସରୁନାହିଁ
କେତେ ଲୋକ ଆସିଲେ ଭରେନି,
କେତେ ଗାଡ଼ି ଚାଲିଗଲେ ଖାଲିବି ଲାଗେନି,
ପିଲାସାଲୁଙ୍କିର[୩] ପାଣି ଭଳି
ଶାନ୍ତ, କାନ୍ତ, ଭୀମ ଏଠି କେତେ ଫେଣ୍ଡା ଫେଣ୍ଡି।

ଯାତ୍ରୀ ଯେତେ ଖୁନ୍ଦି ହୋଇଥାନ୍ତୁ
ଚାଳକ ତ ସର୍ବଦା ଏକାକୀ,
ଗାଡ଼ିଚଲା ଆଗର ବୁଲାଣି ଦେଖିକି,
ନିଜ ରଥରେ ବାବୁ, ନିଜେ ତୁ ସାରଥି।

+++

# ସସ୍କା ଅଗା

ତାରାବାଡ଼ି ତାଞ୍ଜୁ ସାତିଲା ଆବା,
ଡ଼ିତିଡ଼ିତି ଟୁଟୁ, ପାକେକା ଆନେଞ୍ଜୁ,
ଜତେରି, ତିତେରି, ମ୍ବାଟକା ଗୁହାକା ଆହାନା ତ୍ରେତେଞ୍ଜୁ
ସସ୍କା ଅଗାତିଙ୍ଗି ଗାମାସେଞ୍ଜୁ ।

ସଜ୍ଜୁ-
ସପେବେଏ ସାଞ୍ଜାସିଡାନାରି,
ଗାଣ୍ଡିମାରା ସୁଲିସୁଲି କିଲାଙ୍ଗା,
ମେଃତାତାକେ ଗୁଡ଼ି ବିଆନେ,
ଏଆଡ଼ିକି,
ସଜ୍ଜୁ ଗାରାତାନି ସିଡାନାନି,
ଦୀରେଦୀରେ ବାଡିଙ୍ଗା ତ୍ରପ୍କା ଦିନେ ।

ସଜ୍ଜୁ ଗାମେ ତ୍ରିକିତ୍ରିକିତାରି,
ରନିସି ରିନିସଡ଼ାଇ ଆଏ,
ଏସେ ସିକି ଦିନା ଆଃତାନେ,
ସଜ୍ଜୁ ଅଗା ଆତେକା-
କୀଟା ସ୍ଲିପ୍କା ମାନେ ।

# ଝିଙ୍କ ଶିକାର

ତାରାବାଡ଼ି ଗାଁର ସାତିଲା ଆବା
ପେଟ ତା'ର ପିଠିଲଗା, ବକଟେ ମାଉଁସ
କୁକୁଡ଼ା, ଠେକୁଆ ଫାଶଧରି ଘୁରିବୁଲେ,
ଝିଙ୍କ ଶିକାରରେ ଥିଲା ସେ ପୋଖତ ।

ଝିଙ୍କ-
ସୁନ୍ଦର ତ କେହି କୁହେ ନାହିଁ,
ଦେହସାରା ମୁନିଆଁ ମୁନିଆଁ କଣ୍ଟା,
ଦେଖିଦେଲେ ବିନ୍ଧି ଦେବ,
ଏଣୁ ତା'କୁ ଧରିବାକୁ ହେଲେ-
ଗାତରେ ସେ ନ ଥିବା ସମୟେ,
ଧିରେ ଧିରେ ପଥର ଗଡ଼େଇବାକୁ ହେବ ।

ଝିଙ୍କଟି ବି ଭାରି ହୁସିଆର,
ଦିନେ କି ଦୁଇଦିନରେ ହେବନି,
ବହୁଦିନ ଲାଗିପାରେ -
ଏଣୁ ଝିଙ୍କ ଶିକାର ପାଇଁ
ଲୋଡ଼ା ହୁଏ ଦୃଢ଼ ସଂକଳ୍ପ ।

ସଙ୍କୁତ ଏମ୍ନେରି ଙ୍ଗଏ,
ଡସାସାକେ ବେଏ ସାଜ୍ଞିମାନେ,
ତାକା ଇଞ୍ଜି ଦେଗାଇମାନେ,
କାଙ୍କୁଡ଼ାଇ ପଜ୍ଞିଇ ଇସେକା-
ବାଞ୍ଜୁପ୍ରେଙ୍କୁଡ଼ାଇ ଟ୍ରୁସ୍ ଇନେ,
ସାଞ୍ଜାତାକେ ଆନା ଆତେ-
ସଜୁତାରି ମାନେ ଡାଟା ଏଙ୍ଗା ଲାଖ,
ଟୀପତାରା ମାହା ବିଆନା ତିନ୍‌ବାମ୍ବୁନେ ।

ସଜୁତିନି ଙ୍ଗପିନାନି
କିନ୍ ଇଞ୍ଜାନା କପ୍‌କା ଦିନେ,
ସଙ୍କୁତ ନାଇ ପ୍ଲାପା ଲାଆ,
ଏସେ ରାଡି ବେଗାଗିଆନା-
ରନିସି ତଞ୍ଜା ଆଙ୍ଗାନେ,
ଏରିତ ନାଇ ଗୁଣାପଟା,
ଇଗାରି ପୁଣ୍ଡାମ୍ବୁଆତାକେ ନାଙ୍ଗେ
ବାଡ଼ଣ୍ଡି ଇର୍ପି ବେଲା ଟ୍ରୁକ୍ଳା ଙ୍ଗପା ଦିନେ,
ଜ୍ଞୀବନତାନି ଟୀପ ସେଙ୍ଗା ଆତେକା,
ଡେଟିତାସାନି କେତାଡ଼ାଇ କାଟାମେସାନା
ଥ୍ଲକି ବେଲବା ଗ୍ରାମ୍ଯା ଦିନେ ।

***

କାହାକୁ ସେ ଅପେକ୍ଷା କରେନି
ଶୋଇଥିଲେ ବି ଚାଲୁଥିବ,
ଚାଲୁଛି ଭାବିଲେ ସେ ଦୌଡୁଥିବ,
ହାତ ମୁଠାରେ ଧରିବ ଭାବିଲେ
ଆଙ୍ଗୁଠି ଫାଙ୍କରେ ଖସି ଚାଲିଯିବ,
ସବୁତକ 'ଅ' ଥିଲେ ବି
ଅଛି ତା'ର ଲକ୍ଷ୍ୟଭେଦୀ ଶକ୍ତି,
ଟୀଖ ଡାଳରୁ ଆମ୍ବ ଖାଇପାରେ ବିନ୍ଧି ।

ଝିଙ୍କକୁ ଛକି ବସିଲା ବେଳକୁ
ନୀରବତାର ମନ୍ତ୍ର ତୁମେ ବୋଲ,
ଲାଜକୁଳି ପ୍ରେମିକା ସେ ମୋ'ର
କେତୋଟି ବିନିଦ୍ର ରଜନୀ ପରେ
ଅଚାନକ ଦିନେ ଦେଖାଦିଏ,
ଆଗନ୍ତୁକ ପକ୍ଷୀଟିଏ ସିଏ,
ଏ ବରଷ ନ ଭେଟିଲେ ତା'କୁ
ଆସନ୍ତା ମହୁଲ ଫୁଲଯାଏ ଟାକିବାକୁ ହେବ,
ଜୀବନରେ ବଡ଼ କିଛି କରିବାକୁ ହେଲେ
ଗହଳ ବିଲରୁ ବନଶୀ ପକାଇ
ମାଛଟଣା ଶିଖିବାକୁ ହେବ ।

+++

# ମାଇ ନା'ଟ

ଈଆଡ଼ାଇ ଟାଣା ଏସେ ନେଡେ,
ଲକୁବାକୁ ଗାଡ଼ିଙ୍ଗା କାରୁଙ୍ଗା,
ଏସେ କଗାଇ କଗାଇ ତସ୍ପିନୁ,
ଟଇଙ୍ଗାନି ଡେଃଙ୍ଗି ବାଇମାନୁ, ଏଙ୍ଗା,
ଶାସି ପଟାଙ୍ଗାନି ଡେଃଙ୍ଗି ପାଞ୍ଜାଇମାନୁ ।

ତହତହନା ବେଃପିମାନେ ବିଲୁ,
ନାଇସାମେ ମାନି କିଡ଼କିଡ଼ାଇ-
ମୁଡେଞ୍ଜି ଏସେ ସପେଏ ତସ୍ପିନେ,
ଏମ୍ବାତ ସୁକାଙ୍ଗା ବେଏ ସିତଅ,
ମାଇନାଟ ମିଅ ନେହେରା-
ପିଅପିଅନା ଦିଆଦୁଃନେ ଡାଞ୍ଜୁ,
କୁଲୁକୁଲୁନା ବାଇଦୁଃନେ ବିଲୁ ।

ଏସେ ବାସେ ମାନାକାରି
ସିଲାକଲ, ପିଡ଼ାଙ୍ଗା ତ୍ରପ୍‌କା ତ୍ରପ୍‌କି,
ବୁଡ଼ଙ୍ଗା ମୁପି ସିଡେନୁ ନାଟନାରା
ଗମ୍ଭୁନି କିସିମିସି,
କାଣିବିହାଙ୍ଗା ରାଁରଁ, ପୁକି ବିହାଙ୍ଗା ଜାଁଜଁ
ଶୁସ୍ପିସାକେ କଡ଼ିସ୍ପିମାଇ-

# ମୋ ଗାଁଆ

ଏଇଠୁ ମାଟି ଅଛି କେତେ ତଳେ,
ଲୋକବାକ ଗାଡ଼ିଘୋଡ଼ା ସବୁ
କେତେ ଛୋଟ ଛୋଟ ଦିଶୁଛନ୍ତି !
କିରାପଲ ପରି ଧିରେ ଆସି,
ଘରଚଟିଆ ଦଳ ପରି ଏକାଠି ଉଡ଼ନ୍ତି ।

ଏଇଠିତ ଖଇଫୁଟା ପବନ,
ମୋ ସାମ୍ନା ଝରକାରେ ଦିଶେ-
ଚେନାଏ ଆକାଶ,
ସେଥିରେ ତ ତାରାଟିଏ ନାହିଁ,
ମୋ ଗାଁ ଉପର ମୁଣ୍ଡରେ
ପଡ଼ିଥିବ ଜହ୍ନାଲୋକ ତରଳ ରୂପା ପରି,
ବହୁଥିବ ସୁଲୁସୁଲିଆ ପବନ
ମନ ଛୁଇଁ ଛୁଇଁ ।

ଥାଉ ପଛେ ଯେଡ଼େ କଳି, ହୁଡ଼ା ଘୁଞ୍ଚା ଘୁଞ୍ଚି,
ପାଉନି ଖୋଜି କେଉଁଠି ତା' ବଡ଼ଦିନ ରାଖି,
ବରାଲାକାଂ ମାଛି ଝଡ଼ା,
କୁଆଁରୀଙ୍କ ଲଳିତ ସଂଗୀତ,
ଆଖି ବୁଜିଲେ ମୁଁ ଦେଖୁଛି-

ରାଣି ନେତାଙ୍ଗା, କଡିଗଟା, ମାହାଦଡ଼ିଙ୍ଗା,
କଣ୍ଡିଆଙ୍ଗା ବାଡ଼ାତାନି ମେଣ୍ଡଲି ସାତା,
ମରେଣ୍ଡାକା, ଲୁଡ୍ରୁକାଙ୍ଗା ଏଙ୍ଗା କେତାମିନ୍ଙ୍ଗା,
ସୁଗାକେତା କେତାକୁଷା,
ପାଡୁ ବ୍ଡ଼େସ୍କିନି କୁଡିଙ୍ଗାନି ପୁସାମାନି ପିପେରାଞ୍ଜା,
କୁଡିଙ୍ଗା କୁଡ଼ିତାନି କଏରି ପୁରିଙ୍ଗା,
ଏସେ କ୍ଲୁଙ୍ଗସି ଆଇମାଇ ନେଞ୍ଜୁ,
ମାଇନା'ଟ ମିଅନେହେରା-
ପିଅପିଅନା ଦିଆଦୁଃନେ ଡାଞ୍ଜୁ,
କୁଲୁକୁଲୁନା ବାଇଦୁଃନେ ବିଲୁ ।

***

ରାଶି ସୋରିଷର କ୍ଷେତ, ଆମ୍ବତୋଟା ଗାଈଗୋଠ,
ବଣ କୋଳି, ବିଲଚେଙ୍ଗ ମାଛ,
ଚୁଆଁ ପାଖ ବିଲରୁ ସୁନୁସୁନିଆ,
ନାଲି କଙ୍କି ଚୁମାଦିଏ ଲାଜକୁଳି ଧାନ କେଣ୍ଡା,
ଖଳାରେ ବସି ବସି ଗରମ ମୁଢ଼ି ମଜା,
ମନେପଡ଼େ, ଛଟପଟ ଲାଗେ ଏତେ ଦୂରୁ।
ମୋ ଗାଁ ଉପର ମୁଣ୍ଡରେ
ପଡ଼ିଥିବ ଜହ୍ନାଲୋକ ତରଳ ରୂପାପରି,
ବହୁଥିବ ସୁଲୁସୁଲିଆ ପବନ
ମନ ଛୁଇଁ ଛୁଇଁ।

+++

# ବାଇମାଲା ଗାଡି

ଏସେକାଆକା ବାନେମାଲା ବାଇମାଲା ଗାଡ଼ି,
ଢପାଡ଼ାଇ ନଇଞ୍ଜାନେ ଗାଣ୍ଡିମାରା ରେଡ଼ି ।

କାରାବେଏ ଦିଆଡ଼େ ସାଢିମାନେ ଗାଡ଼ି,
ଦୀରେ ଦୀରେ ନାମ୍ବାଇନେ ଡିଣ୍ଡାବାଲି,
କେରାପାଲା ଡେସାନା ବିଲୁ ସଲ୍‌ବିମାନେ,
ଗାଡାଙ୍ଗା ଟଣ୍ଡାଙ୍ଗା ଶିରି ଶିରି ।

କଡ଼ିଗଟାଙ୍ଗା ପାହେଁରି ଆଙ୍ଗାଇମାନୁ,
କର୍କା ଆଇମାନୁ ରେକି,
ମକଘାଟିତାନି ଗାଡ଼ି ମୁପିସିଡେ,
ଲକୁ ଅଇନେରୁ ନାଷି ନାଷି ।

ବେସ୍କା ଆଙ୍ଗାରାଙ୍ଗା ଲକୁ ବାଗାରାମା ଯାତୁ,
ଗାଡ଼ି ଇସେ ଟିକେ କ୍ଲାସି,
କାନ୍‌ଙ୍ଗା ଏଗାଇସିତଅ ସୁସୁଗାନ୍‌ଙ୍ଗାଡ଼ାଇ,
ଡ୍ଲାଉ ଡପିମାନେ ବେଗାନି ନିପିତାନି,
ଡକା କ୍ଲାପାଡ଼ାଇ ଗାଡ଼ି ଉର୍ମି ଆଇମାନେ,
ଲାଆମିଡାସାକା ଢାପିତୁ କାକ୍ସି, କାକ୍ସି ।

ନେଞ୍ଜୁତାରି ପାହେଁରି ବିହିତେ ଏବାରି,
ଗାଡ଼ିସାନେ ଅଟେଏ ନଢିକି,
ସାଲ୍‌ବାମାନେ ମାଙ୍ଗେ ଗାମେଦୂରୁ,
ଆନ୍ଦାରି ଇନେ ଲିପି,
ତଇଗିଦୁ ଶାତାବାରି ମିନ୍ଦା,
ତୁହାନା ସାଢାନେ ଗାଡ଼ି ।

***

# ବାଇମାଲା ଗାଡ଼ି[୧]

କେତେବେଳେ ଆସିବ ସେ ବାଇମାଲା ଗାଡ଼ି,
ଜଗି ଜଗି ଧରିଲାଣି ମୋର ଅଣ୍ଟାପିଠି ।

ସୂରୁଜ ଆଗରୁ ବାହାରୁଛି ଗାଡ଼ି,
ଥରି ଥରି ଚଢୁଛି ଡିଣ୍ଡାବାଲି[୨],
ପାଲଟେକି ପଶେ ସକାଳର ଶୀତୁଆ ପବନ,
ଗାଲ, ଓଠ ଦେଉଅଛି ଚିରି ।

ଗାଁ ଗାଁ ଗାଇଗୋଠ ଓଗାଳନ୍ତି ବାଟ,
ମଇଁଷି ଯାଆନ୍ତି ଗାଡ଼ି ଦେହେ ପିଠି ଘଷି,
ମକଘାଟିରେ ଗାଡ଼ି ଧଇଁ ପେଲି ହୁଏ,
ଯାତ୍ରୀ ଉଠାନ୍ତି ଗାଡ଼ିକୁ ଠେଲି ଠେଲି ।

କୋଇଲା, କାଠବିକା ଲୋକ ଓହ୍ଲାଇଲେ
ବାଗାରାମା[୩] ଠାରେ,
ଗାଡ଼ିଟିକେ ଲଭିଲା ଆଶ୍ୱସ୍ତି,
ଆଖି ପତା ମାଡ଼ିପଡ଼େ ସକାଳ ନିଦରେ,
ମୁଣ୍ଡଯାଇ ଶୋଇପଡ଼େ ପଡ଼ୋଶୀ କାନ୍ଧରେ,
ଘୁଙ୍ଘୁଡ଼ି ନାଦରେ ଗାଡ଼ି ଦୁଲୁକୁଛି,
ଗାଁ କନିଆ ଓହ୍ଲାଇଲେ ହସି ଖିଲି ଖିଲି ।

ଆଜି ବାଟ ସିନା ସରିଲା ଏଇଠି,
ଆଗକୁ ରହିଛି ପଥ ଅନେକ ଆହୁରି,
ଯିବାକୁ ହେବ ଆମକୁ ଲକ୍ଷ୍ୟ ଅନୁସରି,
ଅନ୍ଧାର ଆସିବ ମାଡ଼ି,
ହେ ଯାତ୍ରୀ !
ସଜ କର ତୁମ ଛତା ବାଡ଼ି,
କାହାକୁ ଅପେକ୍ଷା କରିବେନି ସେ ଗାଡ଼ି ।

+++

# ପ୍ଲାମ୍ବୁ

କେତାକୁଡ଼ିଙ୍ଗା ମୁଗିତାଙ୍ଗି ସାସୁ,
ସରୁକାଙ୍ଗା ଇଜ୍ଜକି ବାତୁ,
ଇର୍ପି ମାହାଡେଲି ମାନେସାଆ,
ଟାଙ୍ଗିଙ୍ଗା, ଗୁଡ଼ିବିଟ୍‌କା ଏଙ୍ଗା ନାହ୍‌କା ଆହାନା,
ପ୍ଲାମ୍ବୁ ସଲ୍‌ବା ସାଜ୍ଜିସେରୁ ଆବା ଦାଦା କକାରୁ,
ସର୍କା ସର୍କା ସର୍କା ସର୍କା,
ପରାତାନି ଜଷାନାଇ,
ସାରି ତୁଡ଼ା ସମା ପାନ୍‌ଜାସେରୁ,
ସ ବ ଇର୍, ସ ବ ଇର୍,
ଟାଙ୍ଗିଙ୍ଗା କିର୍ପି ଗିଆନା ନାକୁ ସଡାତେରୁ,
କୁଗାଡ଼ାଇ ତେଲେରେହେତେ,
ସାଇନେହେରା ସୁଗାସିରୁ ।

ଜିପିଙ୍ଗାଡ଼େ ଲାରିଙ୍ଗାଡ଼େ ବାତେରୁ,
ଡଲାଙ୍ଗୀ ଡଲାଙ୍ଗୀ ଟୁଟ୍‌କା ଗାଟାକା,
ବାସ୍କାକାଗାଡ଼ି ସୁନାମୁଦିଙ୍ଗା କିଆନା,
ଜହାରି ପାଃତେରୁ,
ମୁସି ବ୍ରିହ୍‌ଟା ମିଡାକାନି ଗାଡା ଡୁସାଲିତେରୁ,
ଦିନା ରସ୍ପାରା କାଡା ପିଟିତେରୁ,
ଇସ୍କୁଲାକା ଗିନାସୁ,
ଅସପାଟାଲି, ଏଲେକେଟ୍ରେ ତାନାସୁ ଇଞ୍ଜି-
ଭୁଟ କାତେରୁ,
ମାନ୍ଦେ ଟିହ୍ନ ମିନ୍ଦେ ଟିହ୍ନ,
ଡୁବୁ ଉଃପା ବୁଡ଼୍‌ଜେରୁ ।

# ମୃଗୟା

ଧାନ ଆସି ରହିଲା ଅଟେଇ ଭିତରେ,
ଜଙ୍ଗଲୁ କାନ୍ଦୁଲ ଆସି ରହିଲା ହାଣ୍ଡିରେ,
ଡେରି ଅଛି ଆସିବାକୁ ଆମ୍ବ କି ମହୁଲ,
ଟାଙ୍ଗୀ, ଧନୁତୀର, କୁକୁର ସାଙ୍ଗରେ ନେଇ-
ଆମ ବାପା, ଦାଦା, ସାହିଭାଇ
ଯାଉଥିଲେ କରିବେ ଶିକାର,
ପାହାଡ଼ ପାହାଡ଼ ଘୁରି,
ଘାଟ ଦେଖି ଛକି ରହି,
ମାରି ଆଣୁଥିଲେ ସମ୍ବର ଗୟଳ,
ସ-ବ-ଇର୍, ସ-ବ-ଇର୍ଂ
ପବନରେ ଭରୁଥିଲା କୋଳାହଳ,
ଟାଙ୍ଗୀ ଘୁରାଇ ଉର୍ଦ୍ଧ୍ୱରେ ଗାଁ ପଶୁଥିଲେ
ଚର୍ବି ଭାସୁଥିଲା ଗାଁ ପୋଖରୀରେ ବହୁଦିନ ।

ସେମାନେ ଆସିଲେ ଦିନେ
ଜିପ୍, ଲରିରେ ଲଦି ହୋଇ,
ବଡ଼ ବଡ଼ ପେଟବାଲା ପ୍ରତି ଆଙ୍ଗୁଠିରେ
ସୁନା ମୁଦି ହେଉଥିଲା ଝଲମଲ,
ଘରେ ଘରେ ବୁଲି ଜୁହାର ପକାଇଲେ,
ସିଂଘାଣିନାକା ପିଲାଙ୍କୁ ବି ଗେଲ କଲେ,
ଗାଁ ସୁନ୍ଦର କରିବା କଥା ବଖାଣିଲେ,
ଇସ୍କୁଲ କରିବା, ଡାକ୍ତରଖାନା, ବିଜୁଳି ଆଣିବା
କହି ଭୋଟମାଗିଲେ,
କହିଲେ-
ଆମରି ଚିହ୍ନ, ତୁମରି ଚିହ୍ନ
ମୋହର ମାରିବା କେବେ ଭୁଲିବନି ।

ବ୍ଲେପଣ୍ଡି ବାସି ଆଇସେରୁ,
ଗୁଏଲିତାନି ଏସଲି ଦିନୁ-
ଗଣ୍ଡେବେଏ ଅଢ଼େକି ସାଜେଏ ଆଞ୍ଜା,
ଭୂଟ ଆଗନେ ଇକଲି ଲାଞ୍ଜାଦିନେ ।

ଏ ବେଅଟି ବୁଟୁଙ୍ଗାଡ଼ାଇ ବାଡେରୁ,
ଗ୍ଲାଉ ଙାର୍ସୁଡ଼ାକା, ଗାଡ଼ାପଡ଼ାଙ୍ଗା ମାରାତାକା,
ଆଙ୍ଗାସାନି ଗୁଡ଼ାକି ଡାବାଙ୍ଗା,
ବୁଡାଙ୍ଗାନି କାଲୁ ଢିଞ୍ଜୋରାଙ୍ଗା,
ନାଙ୍କୁଗୁଡ଼ା ଅଡାଙ୍ଗା ବଜି ଡସାନାଇ,
କାରି କାରତେରୁ,
ଡେଡ଼ି ନେଡାଙ୍ଗା ମେହାନାଇ ଗୁହ୍କା ଅଗିତେରୁ,
ବ୍ଲେପଣ୍ଡି ପ'କ୍ରେରୁ-
ମାନ୍ଦେ ସରକାରି ବାଇମାନେ,
ବେଗାଲି ଚିହ୍ନଗାଟାକା ବୁଦିଗିଆନେରୁ,
ଗୁଲେ ଇକୁ ମାଇବାହା ଭୂଟ ସିଦେରୁ ।

ଅଟେଏ ରନିସି ଢିପିଙ୍ଗାଡ଼ାଇ ଲାରିଙ୍ଗାଡ଼ାଇ,
ଡଲାଙ୍ଗା ବେଣ୍ଣି ବେଣ୍ଣି ସାଜିସେରୁ,
କାଲ୍ଲା ପାଞ୍ଜାନା ଗୁଲି ଆଇସେରୁ,
ସ ବ ଇର, ସ ବ ଇର,
ଢହାରି ମାଟାସି ଡଲାଟୁଟୁଗାଟାନି,
ପୁଙ୍ଗାଡ଼ାଇ ମୁସାସେରୁ,
ନାଙ୍କୁ ସଇବା ତ ଦୂରୁକାତା-
ଗାଡ଼ିବେଏ ନିଶାଗିଆତେରୁ ।

ଗାଡ଼ି ଘୁରେଇବା ବେଳେ କଥା ହେଉଥିଲେ,
ଏଇଠୁ କେତୋଟି ଭୋଟ ଆସିବ ?
ଗୋଟିଏ ବି ବାହାରକୁ ଯିବନି ଆଜ୍ଞା,
ଭୋଟଆଗରୁ କିଛି ଖର୍ଚ୍ଚ କରିବାକୁ ହେବ ।

ତା'ପରେ ଆସିଲେ କେତେ ଫଟଫଟି ଚଢ଼ି,
ବାଇ ଝାମ୍ପୁରା, ମହାଦେବଙ୍କ ଷଣ୍ଢ ମାର୍କା
ଗାଁ ମାଇପଙ୍କୁ ଗୁଡ଼ାଖୁ ଡବା,
ବୁଢ଼ାଙ୍କୁ ଖୁରାକି, ମହୁଲି
ଗାଁ ସାରା ଭୋଜି ଦେଇ,
ଫାଶ ବସେଇଲେ,
ନୁଖୁରା ବାଳକୁ ତେଲ ଘଡ଼ି ଦେଖାଇଲେ,
ବଡପାଟିରେ କହିଲେ-
ଆମ ସରକାର ଆସୁଛି,
ଅନ୍ୟମାନେ ତମକୁ ବାଉଳେଇ ଦେବେ,
ଆମ ଚିହ୍ନ ଦେଖି ଭୋଟ ଦେବ ।

ଆଉ ଦିନେ ଜିପ୍, ଲରିରେ ଲଦି ହୋଇ
ବାଇଦ ବଜେଇ ସେମାନେ ଆସିଲେ,
ମାତାଲ ହୋଇ ପାଟିକରୁଥିଲେ,
ସ-ବ-ଇର୍, ସ-ବ-ଇର୍,
ଜୁହାର ବୁଣିଥିବା ବଡ଼ପେଟବାଲାକୁ
ଫୁଲମାଳ ଲଦି ଦେଇଥିଲେ,
ଗାଁ ପଶିବାତ ଦୂର କଥା
ଗାଡ଼ି ଟିକେ ଠିଆ କଲେ ନାହିଁ ।

କୁଟ୍‌କାଡ଼ାଇ ପୁଟଙ୍ଗା ମୁଙ୍ଗିତୁ,
ଇସ୍କୁଲି କୁଡୁତାରା ବ୍ରିସା ପିଛୁ ନଗ୍ରଦେ,
ମାଇନାଙ୍କୁ ପାହେରି ପିଛୁତା ମେଣ୍ଡାଙ୍ଗା କୁଛଇନୁ,
ପାଇପଡ଼ାଇ ରଙ୍ଗସିରୁ ବେଏ ବାଇସିଡ,
ଅନେନିପାଡ଼ା ମାସେଆବା-
ଆଲୁବାଡ଼ାତା ସିରୁ ନେସ୍କିନେଞ୍ଜୁ ।

ବାଡ଼ଣ୍ଡି ଅଟେ ଭୂଟମାନେ,
ଡଲାଙ୍ଗା ଡଲାଙ୍ଗା ଟୁଟୁଗାଟାକା,
ସୁନାମୁଦିଙ୍ଗା କିଆନା -
ଅଟେ ରିହେଗି ପ୍ଲାମୁ ସଡାନେରୁ ।

***

କାନ୍ଥଲଗା ଛବିସବୁ ଚିରି ଆସିଲାଣି,
ଇସ୍କୁଲ କାନ୍ଥର ଲେଖା ବର୍ଷା ଧୋଇ ଦେଲା,
ଗାଁ ରାସ୍ତା ବର୍ଷାରେ ଆଣ୍ଠୁ ବୁଡୁଛି,
ନଳକୂଅରୁ ତ ଗେରୁ ପାଣି ବି ଆସୁନି,
ପାଖପଡ଼ା ମାଷ୍ଟ୍ରବୁଢ଼ା
ଆଳୁ ବାଡ଼ରେ ପାଣି ଟେଣ୍ଡୁଛି।

ଶୁଣାଯାଉଛି-
ଆରବର୍ଷ ପୁଣି ଭୋଅଟ ହେବ,
ବଡ଼ ବଡ଼ ପେଟବାଲା ସୁନାମୁଦି ପିନ୍ଧି
ପୁଣି ଥରେ ପାରିଧି ପଶିବେ।

+++

# ପାନା କାପା

ନିଙ୍ଗାକେ ଝାଅନିତାଞ୍ଜି,
ଇସାରା ସୁଞ୍ଜିତି,
କକ୍ରୁ ଗିହେ କ୍ଲାତେଡେଏ,
ପଟାଙ୍ଗାକାଟିଙ୍ଗା ଡ଼ିଡ୍ରୁ,
ଉରା ବାଙ୍ଗାଡ଼େ ମେହିସା-
ସ୍ଡ଼ହାନାନେ ବେଗାବଡଡ଼ି ।

ସ୍ଡ଼ହପିନାନେ ବେଲା ସାଜିନେ ଆଦାରି,
ଆଲ୍କୁ ତ ନେତକି ସାନା,
ଝାଅ ସାଲାକାରି ଇସ୍କୁଲି,
ମାଇନାଙ୍କୁ ଇସ୍କୁଲିକି ତ ଦିଦି ବାଇସିଡେ,
ଏସେ ସାଞ୍ଜିନେମା-
ମାଇ ଗୁଦୁରି ଆତେକା ମାଷ୍ଟ୍ରେଣି ।

ଉଃ, ଅଙ୍ଗନାବାଡ଼ି ଆନେକି ଆଏ,
ଏସେ ଦୂରୁ ମାଷ୍ଟ୍ରେଣି ।

ନୀ ସୁତାଡ଼ାଇ ନେଗିକାତା ଏସେକା ବାନେ,
ଇଗାରିତ ମିଅନାଙ୍କୁ ସନ୍ତଆପ ତଃନେଞ୍ଜୁ ମେଟ୍ରିକି,
ବ୍ଲକୁ ତହସିଲିତାନି ବାରି କକେଗୁ-
ମାହାପାତ୍ରଙ୍ଗା ପଟନାଇକ ବାବୁଙ୍ଗା,
ମାଇମିତାକା ସ୍ଡ଼ହତେକାନି ମାଦେ ଆନି ଆଜି,
ମେଃପି ସିଡାଇ,
ଝାଅନି ସାଟିପିକେଟି ସେଲୁ ଏସେ ପାହେରି ଗିପିଞ୍ଜି ।

# ଚନ୍ଦ୍ର ଗ୍ରହଣଂ

ଉଠ ହେ ଝିଅ ବାପ,
ଏଡ଼ିକି ଶୋଉଛ,
କୁକୁଡ଼ା ଦୁଇଥର ଡାକିଲାଣି,
ପକ୍ଷୀ କରୁଛନ୍ତି କିଚିରି ମିଚିରି
ଘଳ ଫାଙ୍କରେ ଦେଖୁନା
ଉଇଁଛି ପାହାନ୍ତି ତାରାଟି ।

ଆସୁଛି ସୂରୁଜ ହଟୁଛି ଅନ୍ଧାର,
ଆମେ ଯିବା ଜଙ୍ଗଲକୁ
ଝିଅ ଯାଉ ପାଠପଢ଼ି,
ଆମ ଗାଁକୁ ତ ଦିଦି ଆସୁନାହିଁ,
କେତେ ସୁନ୍ଦର ହୁଅନ୍ତା-
ମୋ ଗୁନ୍ଦୁରି ଯଦି ହୁଅନ୍ତା ମାଷ୍ଟ୍ରାଣି !

ଉଃ, ଅଙ୍ଗନାବାଡ଼ି ହେବକି ହବନି
କେତେଦୂର ମାଷ୍ଟ୍ରାଣି !

ତମ ପାଟିରୁ ଭଲ କଥା କେବେ ବାହାରିବ ?
ଉପରସାହି ସନ୍ତ ପୁଅ ଦଉଛି ମାଟ୍ରିକି
ବ୍ଲକ୍ ତହସିଲ୍‌ରେ ବସିବେନି ଖାଲି,
ମହାପାତ୍ର, ପଟ୍ଟନାଇକ ବାବୁ
ଆମ ପିଲାଏ ଠିଆହେଲେ ଡର କାହାରିକି
ଦେଖୁନକି, ଝିଅର ସାଟିଫିକେଟ୍ ପାଇଁ
କେତେ ଥର ତୁମେ ବାଟ ମାପୁଅଛ ।

କୁର୍ସି କପ୍‌କିମାନେ ଲକୁ କୁଇଟି,
କୁର୍ସିତାନି କନ୍ତ୍ରେକା ଗୁଲେ ଦେରିଲକୁ,
ମାଇବାହା ମାଞ୍ଜାଦୁଃନେ ମାନ୍ଦେ ସାକିଦୁକୁ ।

ନିଙ୍ଗାକା ଅ କାଲୁପଟା କାରାଇଞ୍ଜାତେ ଜୁଲୁ,
ରିଇସିତାଇ ଇଦେଟୁକ୍ନା ପିହାସିତାରଅ କାଲୁ,
ଆନୁ ସାଜିମାଇ ନେତକି ଏଜୁ ତୁସାନା-
ଉଜାଡ଼ିତିନି ଟୁକୁ ଗିଆନା ଡସାଦୁଃମୁ ଜମା ପଜନା ।

***

ଲୋକ ଉପରେ ଏଠି ଚଉକି ବସୁଛି,
ଚଉକି ମିଳିଲେ ଏଠି ସବୁ ବଡ଼ ଲୋକ,
ଆମ ପାଖେ ରହିଥିବ ଆମ ଦୁଃଖ ଶୋକ।

ଉଠହେ, ମଦୁଆ ତୁମେ ଟାଣ ହେଲା ଖରା,
ରାତିର ମହୁଲି ଏ ଯାଏଁ ଉତୁରିନି ପରା,
ମୁଁ ଯାଉଛି କାମକୁ ସବୁ ଭାତ ନେଇ,
ଆଇଅକୁ ପିଠି କରି ପଡ଼ିଥାଅ ଏଠି
ତକିଆ କାମୁଡ଼ି।

+++

# ସିଂ'ଡି ସାକି

ଆଟାପାଙ୍ଗୀ ବ୍ରଡି ଡୁଗାତାନି
ଗାଣ୍ଡିରଣ୍ଡେ ଦିଆମାସେ,
କୁସାବର ସାରୁନିଙ୍କୁଗିବା ବାଙ୍କାସିଁ ଲକୁତାକା,
କାକାନି ମଡ଼ିଙ୍ଗା ଆହାନା ଗ୍ରୁସାନା ମେଃପିସେରୁ,
କାକା ବାରିତାକେ ସାଜିସେରୁ,
ନୂଡ଼େ ସାବା ଗିନା ସିଡ଼ିସାକି-
ମୁଦା ଦାଃପିସେରୁ ।

ବେସ୍କା ତାସାସାକା ଏସେଲକୁ ଏଙ୍ଗା କଲେଜ ମିତାଙ୍ଗା,
ଲକୁରି ଡୁସ୍ତେରୁ,
ସିଣ୍ଡାଙ୍ଗା ଦୁକାନିଡ଼ାଇ ପୁନିସିଣ୍ଡା-
ସିତାରାଙ୍ଗା ବାହାଡ଼ାଇ ଟାଟି ତାକାତେରୁ,
ଟାଣାଡ଼ାଇ ତେସାନା ଗାଣ୍ଡି ତ୍ରେପ୍ତେରୁ ।

ଗୁଟା ବ୍ରିଙ୍ଗାନି ଡ୍ଲାଉ ମାଦେ ତିରି ମୁହୁଁ,
ମେଃତେକା ଇସ୍ପିନେ ସାଲାଆସିଡେ ଙ୍କୀଉ,
ମୁହୁଁଡ଼ାଇ ସୁଃପିନେ ସୁପାଡ଼ି ଉଙ୍କାଡ଼ି,
ଆନ୍ଦାରି ମୁଡେଞ୍ଜିତାନି ବେଗାବଡଡ଼ି,
ସୁସାମାନି କାନ୍‌ଙ୍ଗାନି ତୁପ୍‌କା ତସ୍ପିନେ-
କାଲେଂକାଲା ନିମ୍ନିନାରି ମନ,
ବାଡିଉଡି ଆଙ୍କାନାଇ ବ୍ରାଡିନାରି ମନ ।

ଗୁଲେଲକୁ ଆଡାନାଇ ଗାଣ୍ଡି ଡେସ୍ତେରୁ,
କୁଇଦିନା ରାହାଡ଼ାଇ ଗାଣ୍ଡି ଅଇସେରୁ,
ମାସିସାଡାଟାରି ମୁଡେଞ୍ଜି ନିକ୍ଲେ,
ମୁଡେଞ୍ଜି ସାଦା ଆଙ୍କାନା ବୁରୁ ଦିଆତେ,
ଗାଣ୍ଡିବେଅଟି ସାଜିସାକା ସେଣ୍ଡକି ମେଃତେରୁ ।

# ଅପମୃତ୍ୟୁ

ହାଟପଦା ବରଗଛ ତଳେ,
ଶବଟିଏ ପଡ଼ିଥିଲା ଅଚିହ୍ନା,
ତେଲଲୁଣ କରୁଥିବା ସଂସାରିଗୁଡ଼ିକ
ଆସି ଘେରି ଦେଖୁଥିଲେ,
ହାତ ଭାରି ଲାଗିଲେ ଚାଲି ଯାଉଥିଲେ
ଏଇଟା ମୃତ୍ୟୁ ନା ଅପମୃତ୍ୟୁ ଟେର ଖୋଜୁଥିଲେ।

କାଠବିକା କିଛି ଲୋକ, କଲେଜ ଟୋକା ମିଶି
ସମସ୍ତଙ୍କୁ ସଜ କଲେ,
ଦୋକାନରୁ ଆଣିଲେ ଶାଢ଼ୀ,
ତାଟି ଆଣି କୋକେଇ କରିଲେ,
ମାଟିରୁ ଉଠାଇ ଶବକୁ ରଖିଲେ।

କଳା କେଶ ମଝିରେ ଟକଟକ ମୁହଁ
ଦେଖିଲେ ଲାଗୁଛି ଛାଡ଼ିନାହିଁ ଜୀବ,
ମୁହଁରୁ ତା' ଫୁଟିଉଠେ ପବିତ୍ର ଆଭା,
ଅନ୍ଧରାତି ଶେଷେ ଯେହ୍ନେ ପାହାନ୍ତି ତାରା,
ମୁଦିଥିବା ଆଖିରେ ସ୍ପଷ୍ଟ ଦେଖାଯାଏ ତା'ର
ଯୁଗ ଯୁଗ ବଞ୍ଚିବାର ଇଚ୍ଛା,
ପ୍ରଗତି, ପ୍ରତିଷ୍ଠାର ଚିରନ୍ତନ ଅଭିଳାଷ।

ସମସ୍ତେ ମିଶି ଉଠେଇଲେ କୋକେଇ,
କୁଇଦିନା ଦାଣ୍ଡରେ ତାକୁ ନେଉଥିଲେ ବୋହି,
ମେଘର ଭାଙ୍ଗିଲା ନିଜ ଛାଡ଼ିଲା ଗର୍ଜନ,
ଟୋପା ଟୋପା ହୋଇ ଝରେ କାହାରି ଲୋତକ।

କାଲିମ୍ବୁଡେଞ୍ଜି ମାଦେ ପିଦେରିପିତା,
ଡାକିଡ୍ଲାଉ କଷି କଷି ବ୍ରେ ବ୍ରେନା ଡ଼ିଇ ମାସେରୁ,
ଏମ୍ନେରିଇ ତୁଡ଼େଞ୍ଜିକି ଅଇଞ୍ଜେରୁଆ,
ସାଆସିତେ, ସାଆନାରି ଇରି,
ଅ ଲାଙ୍ଗା ସିଡାନାତେରୁ ।

କାଣ୍ଟୁକା ପିଜୁ ପ୍ରୁହ୍ନାନାଇ,
ନିଙ୍ଗିତେ ସୁଞ୍ଜାଇ ମାସି ଗାଣ୍ଡି,
ଡେଃକାସାକା ଆଙ୍ଗିବାଗା ଦ୍ରୁରୁକି ଦେଗିତେରୁ ।

ଦ୍ଲାଉଗ୍ଲୁଟା ଲକ୍ସାନାଇ ଆଙ୍ଗା ଆର୍ତେ,
ନାଇବାହ୍ନାଙ୍ଗି ବାଦ୍ରୁ,
ଅ' ନାଇ ମିଡାକାଣ୍ଡେରୁ,
ପ୍ଲିତିବେଲାଡ଼ାଇ ଆନୁ ମିଇ. ସୁଡାତାନୁ କାତା,
ଡାକିଡ଼ାଇ ସିଆଞ୍ଜାଇ ଆନୁ ମିଙ୍ଗେ ରାକା ।

ଏସେ ବାସେ ପଡ଼ିଆଦୁ ଶାସି, ହିନ୍ଦି, ଇଂଗଲିସି,
ନାଙ୍ଗେ ଇରୁ ବୁଡ଼ଙ୍ଗା କୁନା,
ଆନୁତ ମୀ ପ୍ରାମୁ ଟୀକା,
କୁଇ କାତା ।

ଁଁଁ

ଶବାଧାର ପଛ ଲୋକେ ଉର୍ଦ୍ଧ୍ୱକୁ ଋହିଁଲେ-
କଳା ବାଦଲ ଉପରେ ପୂର୍ବସୂରୀମାନେ
ଛାତିପିଟି କାନ୍ଦୁଥିଲେ ଭେଁ ଭେଁ ହୋଇ,
କାହାକୁ ଆଜି ତୁମେ ନେଉଛ ମଶାଣି
ମରିନି ସେ ମରିବନି,
ଶୁଣରେ ଅଳାଜୁକ ଦଳ ।

ଲୋତକବାରିରେ ଭିଜି ଉଠିଲା ନିଦ୍ରାଭାଙ୍ଗି,
ବାହକମାନେ ଦୌଡ଼ନ୍ତି କୋକେଇ ଛାଡ଼ି,
ଖୋଲା କେଶ ଜୁଡ଼ା କରି ଦୁଇହାତ ମେଲି,
ଡାକେ, ହେ ମୋର ପିଲାଏ ଆସ ମୋ କତିକି,
ସୃଷ୍ଟି ବେଳୁ ମୁଁ ତୁମର ପ୍ରଥମ ସ୍ୱର
ଦେଇଛି ତୁମକୁ ଲହୁ ମୋ ଛାତିର ।

ମନା ନାହିଁ ପଢ଼ କେତେ ଭାଷା
ଓଡ଼ିଆ, ଇଂରାଜି, ହିନ୍ଦି ବା ବଙ୍ଗଳା,
ଭୁଲିବନି ମୋତେ କେତେ ତୁମେ
ମୁଁ ତ ତୁମ ନିଦର୍ଶନ,
କୁଇ ଭାଷା ।

+++

# କାକାଦ୍ରାଗା

ନେଡେବାଡି ସେଣ୍ଡସୁଗା-
ବେସ୍ତାମ୍ବୁ ଆନାରି ?
ନେଡେ କକ୍କାନେ କାଲୁଗଟି ସେଣ୍ଡ ସାର୍ଭାଟେକି ।

ଡିରିଡିରି ସିରୁ କୁଇଟି ତସ୍ଲିନୁ,
କେରାଙ୍ଗା ଏଆନାରି-
ବେସ୍ତାମ୍ବୁ ଆନାରି ?
କାଲୁଗିଲାସିଆ ଇଟ୍‌କା, କେତାଙ୍ଗା କୁଇନୁ,
ଦ୍ରାଗା ଏରି ଏସାରି ।

***

# ଭଉଁରୀ

ତଳେ ଅଛି ପଥର ଶୁଖିଲା
ଉପରେ ତା' ଚୁଆଁ ଫୁଟିଅଛି,
କହି ପାରିବୁଟି ?
ହଁ, ସଲପ ଗଛକୁଂ ଘେରି ଲୋକେ ବସିଛନ୍ତି
ଉପରେ ବସିଛି ସଲପରସ ଠେକି ।

ଆଉଗୋଟେ ଗଣ୍ଠି ଓଗାଳ ଏଥର -
ନିରିମଳ ପାଣି ତଳ ପୁରାଦିଶେ,
ଗଭୀର ଏତେ ଯେ କାତ ପାଏ ନାହିଁ,
ଓଃ, ମହୁଲି' ଗିଲାସେ ବୁଡ଼ିଯାନ୍ତି -
କେତେ ଲୋକ, ଘର ବିଲବାଡ଼ି,
କେଡ଼େ ବିଶାକ୍ତ ସେ ଭଉଁରୀ ।

+++

# ତାଜ ମହଲ

ଡଡାସରୁ ତିନି ଇସେଞ୍ଜୁ,
ନୀ ନେଡେଟି ବାହା ଇକେ ସିଆମୁ,
ଡିଣ୍ଡାବାଲି ପାଟାଗାନି ଢାପିସେଞ୍ଜୁ,
ନାଙ୍ଗେ ବାଡି ରଣ୍ଡା ସିଆଦୁ,
ଆନୁ ନାଇ ପରାଣିକାଡିନି ସେଲୁ,
ରଣ୍ଡା ମନ୍ଦିର ଗାଡ଼ିଗିଇ,
ସରୁ ଏଙ୍ଗା ଜଡ଼ି ଦାପେ ଇଞ୍ଜାନା କିନ୍ ଇସୁ ।

ଉସ୍ଥୁଗୁଡୁ ଗାହିନାଙ୍ଗୁ ବ୍ରିତି କୁଡ଼ିତାନି,
କାଣ୍ଟୁକା ତାସ୍କି ତାସ୍କି ବିକାଲି ଆଇସେଞ୍ଜୁ,
ବେସ୍ତାମୁ ରାଜାଲି,
ନୀ ସେଲୁ ଆନୁ ଆନାଗିଇ ?

ନାନ୍ଦେ ବାଡ଼ା ସିଡେତ ଆନା ଆତେ,
ଦନ ସିତଅ ତ ଆନା ଆତେ,
ଆନୁତ ମାଇ,
ଇନୁ ଆନୁ ଆଡାନା ରଆସ୍ତୁ,
ନୀ ପିହାନା ସାଲ୍ବାନେ ଆନୁତ ରଆନେ,
ଏ ଆଡ଼ିକି,
ନାଇ ଗାଣ୍ଡିତାନି ତିନିଟି ଏଙ୍ଗା ଦେବାଟି ରହିଆନା,
ଆନୁ ଅର୍ଜିଆଇ ଈନୁ ଲକ୍ରାଦି,
ଆନୁ ମୁଦି କିତେକା କାଙ୍କୁତା-
ନୀ ସେଲୁ କିସେଡ଼ି କଡାଙ୍କିଆଇ,
ନାଇ କାଡୁତାଙ୍ଗି ସତେଡ଼ି କଡିତାକେ,
ପାଉଳୁମାଙ୍ଗାଡ଼େଏ ନୀଙ୍ଗେ ସଜ ଗିଆଇ ।

# ତାଜମହଲ

ଡଡା ପାହାଡ଼କୁଂ ମାଗିଲା
ତୁମ ପାଦତଳେ ଜମି ଖଣ୍ଡେ ଦିଅ,
ଡିଣ୍ଡାବାଲି ଶିଳାକୁ କହିଲା
ମୋତେ ପଥର ଖଣ୍ଡେ ଦିଅ,
ମୁଁ ମୋର ପ୍ରିୟା ପାଇଁ
ଏକ ମନ୍ଦିର ତୋଳିବି,
ଶିଳା ଓ ପାହାଡ଼ ଅବିଶ୍ୱାସ କରି
ମୌନ ହୋଇଗଲେ।

ଉସ୍କୁଗୁଡ଼ୁଂ ହାଡ଼ିସାହି ଭଙ୍ଗା କୁଡ଼ିଆରେ
ଲୁହ ପୋଛି ପୋଛି ଚିନ୍ତା କରୁଥିଲା,
କହ ମୋର ରାଣୀ,
ତୋ ପାଇଁ ମୁଁ କ'ଣ କରିଦେବି ?

ଗୋବେ ଭୂମି ନାହିଁତ କ'ଣ ହେଲା
ଧନ ନ ଥିଲେ ବି ମୁଁ ତ ଅଛି,
ତୁ ମୁଁ ମିଶି ଆମେ ଏକ
ତୋ ଯିବା ପରେ ମୁଁ ଅର୍ଦ୍ଧେକ,
ଏଥିପାଇଁ
ମୋ ଦେହରେ ଦୁହେଁ ଏକାଠି ରହିବା,
ମୁଁ ଅରଜି ଆଣିବି, ତୁ ସେବା କରିବୁ,
ମୁଦିଟିଏ ପିନ୍ଧିଲେ ହାତରେ
ତୋ କାନ ପାଇଁ ବାଲି କିଣିଦେବି,
ଜୋତା ହଲେ ମୋ ପାଇଁ ଆଣିଲେ
ତୋ ପାଇଁ ବି ଖଣ୍ଡେ ପାଉଁଜି ଆଣିବି।

ଗାଡ଼ା ରାହା ଡାଣ୍ଡଟାନି ସାଙ୍ଗିସାକା,
ମିଡାଙ୍ଗା ଲାବେଙ୍ଗା ଏଙ୍ଗା ବୁଡା ଗାଟାରୁ,
ଏଆନି ମେହାନା କାପ୍‌କିସେରୁ,
ମେହ୍‌ନ୍ଦୁ, ଇଆଞ୍ଜୁ ବାଇ ଆଇନେଞ୍ଜୁ,
ଲକୁ ବାଇ ଆତାରା ମେହାନା-
ଏଆଞ୍ଜୁ କାନ୍ତେଞ୍ଜୁ, ଡ଼ିତେଞ୍ଜୁ ଏଙ୍ଗା ଏନ୍ଦିତେଞ୍ଜୁ,
ସାଙ୍ଗ ବେଶି ବେଶି, ଗାଣି ଏସି ଏସି ।

ଇଦାଲି ଅଟେ ବଙ୍ଗାରିଆ ଡଲ୍‌ଗୁ ଡ଼ିଇସିଡେ,
ଗାଡ଼ି ଇପିନି ମିଡାକାନି ଙ୍ଗାମ୍ଭାଗିବାତିକି,
ଏମ୍ଭାଇ ଅଟେ ଏନ୍ଦାଇସିଡେ,
ଯୁଝିଷ୍ଠି ନାଇକ ଆବା ନିମ୍ଭା ମାସେକାନି,
କାତା ପଦେକାତିକି ଇଟ୍‌କା ବ୍ରିପ୍‌କିମାନି,
ଉଡାନା କୁଇକୁଇ ସାଇମାନି ପଣ୍ଡେରିଣ୍ଡି,
କୋର୍ଟ ଡେପାଡ଼ାଇ ନିସାନା ମେଃନୁମା,
ସାଙ୍ଗାମାନି ତାଡ଼ା କୁଡ଼ନି ସେଲୁ,
ଇସିଙ୍ଗି ସିଆସେଞ୍ଜୁ ଏଆଞ୍ଜୁ,
ତାଡ଼ା ଗାଣ୍ଡିତାରା ର ପାହାଡ଼ି ।

ଗେଟେ ଏଆନି ମେଲି ଆଙ୍ଗାଦୁଃନେମା
ରାଙ୍ଗେନି ଟପେରି,
ଅଟେ ରଣ୍ଡେ ତାଜମହଲ
ନିଶା ଦୁଃନେମା କୁଇଦିନାତାନି ।

⁂

ଉଦୟଗିରି ଦାଣ୍ଡରେ ଗଲୁଥିବା
ପିଲା, ଟୋକା, ବୁଢ଼ାବୁଢ଼ୀ ସବୁ,
ତାକୁ ଦେଖି ହସୁଥିଲେ,
ଦେଖ ପାଗଳା ହେଉଛି ।

ଲୋକଙ୍କର ପାଗଳାମୀ ଦେଖି
ସେ ହସିଲା, କାନ୍ଦିଲା, ନାଚିଲା,
ଗୀତ ଗାଇ ଗାଇ,
ଘଣ୍ଟ ବଜେଇ ବଜେଇ ।

ଆଜିକାଲି ବଜାରରେ ଘଣ୍ଟ ଶୁଭୁନାହିଁ,
ଗାଡ଼ି ଜଗା ଅଝଟ ପିଲାଙ୍କ ପାଇଁ
ଆଉ କିଏ ନାଚୁ ନାହିଁ,
ଯୁଝିଷ୍ଠି ନାଇକ ବୁଢ଼ା ଯଦି ବଞ୍ଚିଥାନ୍ତା ଆଜି -
ଛୋଟ ଛୋଟ କଥାରେ ଘରଭାଙ୍ଗି
ଛାଡ଼ପତ୍ର ଲୋଡୁଥିବା ଦୁଇପ୍ରାଣୀ ସବୁ
କୋର୍ଟ ବାରଣ୍ଡାରୁ ଥରେ ଉହୁଙ୍କି ଦେଖନ୍ତେ,
ମରିଥିବା ନିଜ ସ୍ତ୍ରୀ ପାଇଁ
କେମିତି ସେ ଦେଇଥିଲା
ନିଜ ଦେହର ଅର୍ଦ୍ଧେକ ।

ଯଦି ତାକୁ ମିଳିଥାନ୍ତା
ଏକ ରାଜାର ମୁକୁଟ-
ଅନ୍ୟ ଏକ ତାଜମହଲ ଅବଶ୍ୟ
ଉଠିଥାନ୍ତା ଏଇ କୁଇଦିନାରେ ।

+++

# କାଣ୍ଟୁକା ଗିପିମାସେ ତଡ଼ି

କାତା ପଅଙ୍ଗିତେ,
ଆଇମାନେ କୁଇଙ୍ଗା ଡମାଙ୍ଗା କାଲା,
ଏସଲି ଗାଣ୍ଡିଙ୍ଗା କୁରିତ୍ରୁ, ଇଟ୍‌କା ବ୍‌ଡସୁ ଇସୁ,
ଇକୁ ଦେଗିତେରୁ ଗସାଗସା ଦେଶା ତୁହାନା,
ବାଡ଼ଗାଣ୍ଡ ମିଅଟି ମାହାଦଡ଼ି ତାନି,
ଆପିମିଡା ସୁସ୍ଥିମାସେ,
ପାହେରି ତାକା ମୁଆଡ଼େ ସାକି ଏସ୍ମିଡ଼ାଇ,
କାରା ବାଟେକା ତିଜାଇସିଡେ,
ତାରକା ତିସେକା ନିଙ୍ଗାଇସିଡେ,
କୁଇଦିନା ମାରାନ୍ ଆଜା-
ବିହାଙ୍ଗା ପେହି ପେହି ଜପିମାସେ,
କାଣ୍ଟୁକା ଗିପିମାସେ ତଡ଼ି ।

ଦେଙ୍ଗେ ଦେଙ୍ଗେନା ନିସାମାନି ଘାଇପିଡ଼ାତାନି,
ଗୁଡ଼ାନି ଆଜା ବ୍ଲାଉ ପଜାନା କକ୍ସାମାସେ,
ନେଡେ ଗୀର୍ଜାଇଡୁ ନାଡ଼ି କାପ୍ପାସେ,
ଏଆଡ଼ିନି ମିଡାଙ୍ଗା ଡୁଡ଼ାଙ୍ଗା କେରାଙ୍ଗା ଆହାନା,
ତାରୁନେ ତାରୁନେ କାଲା ସାଇସେରୁ,
କଈଦ ଦିକାତେରୁ ।
ମୁସାସାକେ ଏସିଗାଲା ଘାଇପିଡ଼ା ବ୍ରିପ୍‌କା,
ବାରୁ ପିହାନା ସାପ୍ପା ଦୁଃନେମା ନାଡ଼ି,
କାମ୍ଭା ଦୁହେମା କୁଇଦିନା କାଲା କୁତୁରୁମ ଡ଼ାଇ ।

ତାକା ମୁସାସାକେ ଏସିଗାଲା ତିବାରି-
ସାଜାନା ନିଶିନେମା ଆଟାମାଦେ,
ରଆନିତାରି ବାଡ଼ିରଣ୍ଡେ ବେଗାନି ଗଡ଼େମା,
କୁଇଦିନା ଗାଡାତାନି ଆହେମା ସ୍ରବି ।

# ଝରାଉ ଥିଲା ସେ ଲୁହ

ରାଜ୍ୟ ସାରା କଥା ବ୍ୟାପିଗଲା
ଲାଗିଅଛି କନ୍ଧପାଣ ଦଙ୍ଗା,
କେତେ ଲୋକ ମଲେ, ଘର ଧୂଳିସାତ୍,
କେତେ ପଳେଇଗଲେ ଘରଡ଼ିହ ଛାଡି,
ଭାଲିଙ୍ଗିଆଂ ଉପର ମୁଣ୍ଡେ ଆମ୍ବତୋଟା ତଳେ-
ଝିଅଟେ ସେ ଶୋଇଅଛି,
ବାଟ ଚଲା ହାଲିଆ, ଭୋକ ଶୋଷରେ
ଖରାହେଲେ ଚେତୁ ନାହିଁ,
ପିମ୍ପୁଡ଼ି ଖାଇଗଲେ ବି ଉଠୁନାହିଁ,
କୁଇଦିନା ମାଆ-
ତା'ଉପରୁ ମାଛି ଅଡ଼େଇ ଅଡ଼େଇ
ବସିଥିଲା ଆଖି ଲୁହ ଢାଳି।

ଦଣ୍ଡେ ଠିଆ ଘାଇ ହୁଡ଼ାପରେ
କୁଇଦିନା ମାଆ ବସିଥିଲା ମଥା ଧରି,
ତଳେ ଗୀର୍ଜା ଘର ନିଆଁ ଧରିଥିଲା,
ତା' ପେଟର ପିଲାମାନେ ଠେଙ୍ଗାବାଡି ଧରି
ନିଜେନିଜେ ପିଟାପିଟି ହେଉଥିଲେ,
କଇଦ ଖଟିଲେ,
ପାରିଥାନ୍ତା ଯଦି ସେ ଘାଇହୁଡ଼ା ଭାଙ୍ଗି-
ପାଣି ଧାରେ ଲିଭାଇଥାନ୍ତା ନିଆଁ
ଜଳନ୍ତାନି କୁଇଦିନା ହିଂସା ଦ୍ୱେଷରେ।

ଚଳି ଯଦି ପାରିଥାନ୍ତା ଡିବାରୀ ପାହାଡ଼[१]
ଠିଆ ହୋଇଥାନ୍ତା ଆସି ହାଟ ମଝିରେ,
କାହାରି ପଥରଟିଏ ଆରକୁ ବାଜନ୍ତାନି
କୁଇଦିନା ମୁହେଁ କେଭେଁ ନ ଲାଗନ୍ତା କାଳି।

ଡ଼ିଇମାନେ କୁଇଦିନା ଡାକି କସି କସି,
ବେଗାରି କାତାଡ଼େ ଆବା ସାଆଦୁ ମୁକ୍ସି ମୁକ୍ସି,
ଟୀକାଙ୍ଗା ଉହାମାଇ ଇଞ୍ଜି ନାନ୍ଦେ ଆଜ୍ଜିସିଡେ,
ଚୁଆଲାକା ଟାଟାମାଇ ଇଞ୍ଜି ନାନ୍ଦେ ଲାଜ୍ଜା ସିଡେ,
ର ଗାକା ତାତେରୁ ଇରୁ କାଲା ସାତେକାନି,
ଏମ୍ବେରିସେଲୁ ଇଞ୍ଜାନା ଡ଼ିଇ ଆନୁ-
କୁଏନିବାଗା ଗିନା ଡମେନି ବାଗି ।

ଇଗ୍ରୁ ବାଡିଉଡି ଆତେକା ସିନା ପଣ ନାନ୍ଦାରି,
ମିଇ ଇଟ୍‌କା ବ୍ରିଙ୍ଗିତାକେ ଆନୁ ଏମ୍ବେ ଗୁଡ଼ିଇ,
ଲକୁ ମାଦେ ମୁହୁଁ ଇସିଙ୍ଗିଆନା ତସିଇ,
ବେଗାଲି ଲକୁ କାତାଡ଼ାଇ ବାଇଆବା କୁନା,
ଅ ନାଇ ପରାଣି କାଡି ।

***

କୁଇଦିନା ମାଆ କାନ୍ଦେ ଛାତିପିଟି
ଅନ୍ୟ କଥାରେ ହୁଅନି ତୁମେ ଭାଇ ନାଶି,
ଚିତା କୁଟେଇଛି ବୋଲି ମୋର ଡର ନାହିଁ,
ଟୁଆଲ ପିନ୍ଧିଛି ବୋଲି ମୋର ଲାଜ ନାହିଁ,
ମୋ ରକ୍ତ ସନ୍ତାନ ତୁମେ ହାଣକାଟ ହେଲେ-
କାହା ପାଇଁ ଢାଳିବି ମୁଁ ଲୁହ,
କନ୍ଧ ପାଇଁ ନା ପାପ ପାଇଁ !

ତୁମରି ଉନ୍ନତି ସିନା ଗରବ ମୋହରି
ତୁମ ଘର ଭାଙ୍ଗିଗଲେ ମୁଁ କାହିଁ ରହିବି ?
ସଂସାରେ କେମିତି ମୁଁ ଦେଖାଇବି ମୁହଁ,
ପଦାଲୋକ କଥାରେ ବାଇଆ ହୁଅନି-
ହେ ମୋର ପରାଣ ଧନ।

+++

# ଗାନ୍ଦାମାହା

ଟୀପ ଡେଗାତା ଆଗାନି ମାହାତା
ଏମ୍ନେଟି ଆଡ଼ିତେ ରାକା,
ବେସ୍ତାମୁ ମାଙ୍ଗେ ବେସ୍ତାମୁ ମାଙ୍ଗେ
ଅ ଗାନ୍ଦାମାହାଡ଼େ,
ରଗସି କାଇ କାତା ।

ଭଞ୍ଜ ରାଜେଞ୍ଜୁ ରାଇଜ ତୁହାନା
ମାର୍ଗିତେଞ୍ଜୁ ରାଜାଗାଡ଼ା ଡଡାସରୁ,
କୁଇଦିନା ଗୁଲେ ରଣ୍ଡାନେ ଆଜାନା
ଆଙ୍ଗିତେରୁ ଗୁରା ସାଇବଙ୍ଗାନି,
ଗ୍ଲାପାସିଆତେରୁ ଆନ୍ଦାରିକୁଟୁ
ଗଡ଼ା ରାକାଡ଼େ ସିଟ୍ରିବେତୁ ପାଟାବାଡିଙ୍ଗା,
ପାଦା ରାହିଆତା ଗଡ଼ାରାକା ସରୁ ।

ଅ ଗାନ୍ଦାମାହାଡ଼େ,
ଏମ୍ନେକି ସାସେରୁ କୁଇଦିନା ପଡ଼ାଙ୍ଗା
ବାଙ୍ଗୁ ମାଲିଙ୍ଗା, କାନ୍ହୁ, ସିଦ୍ଦୁ
ଲସାଗିଆସେରୁ କୁଇ କ୍ଲାନ୍ତୁଗୁଲେ
ଦଶପଲ୍ଲାଡ଼ାଇ ବାଇବାଲି ଡ଼ାମ୍ବା
ଡଡାସରୁ କଲାତାନି ।

ଏସଲି ଗାଣ୍ଡିଙ୍ଗା କୁରିତୁ ଇମ୍ବା
ଏସଲି ଡ୍ଲାକା ତ୍ରଙ୍ଗିତୁ ଇମ୍ବା
ଗାଡ଼ିଗିବା ଏମ୍ବାଇ ମୁନେ,
ଗାନ୍ଦାମାହା ସୀରା କେତାଙ୍ଗା ନେଡାଙ୍ଗା
ପାଟାଲି ଆଃତେ ଲକୁରାକା,
ଏ ରାକାଡ଼ାଇ ସୁଟାଙ୍ଗା ପାହାନୁ,
ଗାନ୍ଦା ଆଇନେ ନାନ୍ଦେ ମାହା ।

# ଗାନ୍ଧାମାହା[୧]

ତୀଖଡାଳରେ ଫଳିଲା ଆମ୍ବରେ
କେମିତି ଆସୁଛି ରକ୍ତର ବାସ୍ନା,
ଶୁଣାଅ ଆମକୁ, ଶୁଣାଅ ଆମକୁ
ହେ ଗାନ୍ଧାମାହା
ଅତୀତ କାଳର ଗାଥା ।

ଭଞ୍ଜରାଜା ଯେବେ ରାଇଜ ଛାଡ଼ି
ଲୁଚିଲେ ରାଜାଗାଡ଼ା[୨], ଡଡା[୩] ଠାରେ
କୁଇଦିନା ଲୋକ ଏକଜୁଟ ହୋଇ
ବିରୋଧିରେ ଗୋରାଙ୍କୁ
ଛାଡ଼ିଲେନି ଅନ୍ଧାର କୋଟ ଘାଟି
ଘୋଡ଼ାଙ୍କ ରକତେ ରଞ୍ଜେ ଗିରିଶିଳା
ନାମ ରହିଗଲା 'ଗଡ଼ାରାକା ସରୁ'[୪] ।

କୁହ ଗାନ୍ଧାମାହା,
କାହିଁଗଲେ କୁଇଦିନା ବୀର
ବାଙ୍ଗୁ ମାଲିକା କାନ୍ଦୁ, ସିଦୁ
ଠୁଳ କରିଥିଲେ କନ୍ଧ ଜାତିକୁ
ଦଶପଲ୍ଲାଠାରୁ ବାଇବାଲି[୫] ଯାଏଁ
ଡଡା ପାହାଡ଼ ଉପରେ ।

କେତେ କଟାଦେହ ଜଳିଲା ଏଇଠି
କେତେ କଟାମୁଣ୍ଡ ଗଡ଼ିଲା ଏଇଠି
ହିସାବ କହିବ କିଏ
ଏ ପାଖର ବିଲମାଳ ସବୁ
ଧୋଇଲା ମଣିଷ ରକ୍ତ
ସେଇ ରକତରୁ ଜନମିଲେ ଜୋକ
ଗନ୍ଧୁଛି ମୋ ଡାଳ ଆମ୍ବ ।

ଟାଙ୍ଗୀ ଟୀପଡ଼ାଇ ଜାସାସି ରାକାଡ଼େ
ବାଙ୍ଗୁ ମାଲିକା ବ୍ରିପ୍‌କା ମୁଆତେଞ୍ଜୁ କାକା,
ଏସେ ଦିନାରାତି ମାର୍ଗିତେଞ୍ଜୁ ଗସା
ଦାଃତେରୁ ଗୁରା ପାଇକାଙ୍ଗା,
ତୁଲେ ନାଡାଙ୍ଗି ପାଙ୍ଗେଡ଼ିସୁଗାତା
କାକା ଉଗା ଗିପିସାନି,
ଗୁରା ପୁଲିସାଙ୍ଗା ଆଃତେରୁ ମାଲିକାଇ,
ଡ଼େତେରୁ ସୀତାପାଙ୍ଗା ଗୁଣ୍ଡାବ୍ରଡିତାନି ।

ଅ' ଗାନ୍ଦାମାହାଡ଼େ,
କୁଇଦିନାସେଲୁ ପରାଣି ସିତାରିଇ
ବୁଡ଼ଜିତେ କୁଇଦିନା,
ଏଆରି ପାଦା, ସଦି ମୁଦା ସିତେ
ପାଠ ପୁତିଙ୍ଗା ଇତିହାସ ଦୂରୁକାତା
ରସେଲ୍ ସାଇବ, ମକଡେଲା ସାଇବ
ବ୍ରିସିତେରୁ ବାଙ୍ଗୁ ମାଲିକା କାତା ।

ସୀତାପାଙ୍ଗାଡ଼େ ସୀତାଡବାଙ୍ଗା
ଟାକୁଡ଼ାମ୍ବା ମୁହିଆତୁ,
ଇତିହାସ ଚିହ୍ନ ଗୁଣ୍ଡାବ୍ରଡିଡ଼େଏ
ଏସେ ଭାଟି ଇଟା ବେଡେ ।
ଅଠରମୁଠଡ଼େ କାନୁ ସିହୁ ବେଏ
ଆନାବାନି ମ୍ରାଙ୍ଗିତେରୁ,
ଇ କୁଇଦିନାଡ଼େ ଏସେକା ଏଜିନେ ଆନ୍ଦାରି
ମାଇ ଲକୁ ତିଜିନେରୁ ?

***

ଟାଙ୍ଗୀଧାର ଝରାରକ୍ତ ଶୃଙ୍ଖଳା ହାତରେ
ବାଗୁ ମାଲିକା ନ ପାରିଲା ହାତ ଖୋଲି
ଭୋକ ଶୋଷେ ଘୁରେ ଜଙ୍ଗଲେ ବାଘ ସେ
ଖୋଜନ୍ତି ଗୋରା ପାଇକ
ରାତି ଅନ୍ଧାରେ ପାଙ୍ଗେଡ଼ିସୁଗାରେଁ
ହାତ ଭିଜେଇଲା ବେଳେ
ଫିରିଙ୍ଗି ପାଇକ ଧରିଲେ ତାହାକୁ
ଫାଶୀ ଦେଲେ ସୀତାପାଙ୍ଗା ଗୁଣ୍ଡାବ୍ରଡିଠାରେ।

ଗାନ୍ଦାମାହା କୁହ,
କୁଇଦିନା ପାଇଁ ପରାଣ ଦେଲା ଯିଏ
ତାକୁ କୁଇଦିନା ଭୂଲିଗଲା
ତାଙ୍କ ନାମର ନାମଗନ୍ଧ ନାହିଁ
ଇତିହାସ, ପାଠବହି ଦୂର କଥା,
ରସେଲ ସାହେବ°, ମକଡ଼େଲା ସାହେବ
ଲେଖି ଯାଇଥିଲେ ବାଗୁ ମାଲିକା କଥା।

ସୀତା ପାଙ୍ଗା ଲାଗେ ଆଜି ଫାଙ୍କା
ଗୁଣ୍ଡାବ୍ରଡିଂ ହେଲା ଥୁଣ୍ଡା
ଇତିହାସ ଚିହ୍ନ ଗୁଣ୍ଡାବ୍ରଡିରୁ
କେତେ ଭାଟି ଇଟା ପୋଡ଼ାଗଲା !
କେ କହିପାରିବ ଅଠରମୁଠାରୁ
କାନ୍ହୁ ସିଦୁ କାହିଁଗଲେ ହଜି,
ଏ କୁଇ ଦିନାରୁ କେବେ ହଟିବ ଅନ୍ଧାର
ମୋ ଲୋକେ ଉଠିବେ ଜାଗି ?

+++

# ପିରିଡାଡ଼ି

ପାଡ୍ରେତାଆ କେତାଙ୍ଗା ଏମ୍ବାଇ ଡାସାନେ -
ପାଟାଆ ଧନ ଗୁଲେ ମୁସାନା ଇଟାନେଞ୍ଜୁ
ଅଡ଼େକି ତସ୍କିନେ ପିରିତାଡ଼ି ।

ପିଗିତାନି କୁଡ଼ିସିଡେ-
କୁଡିଦିଆତାକେ ପିରି କଡି ବେଏ ଡିନେଏ,
ଗଦା ଗଦା ପୁଡିଙ୍ଗା ପଡ଼ିଆତେକା ଆନାଆନେ,
କାତାତାନି ଗେଟେ ଢେଡାପଦ ସିଡେ ।

ଏସଲି ମାଟିଡି ଏଙ୍ଗା ଏସଲି କଅତି -
ପ୍ରେଙ୍କୁ ଗିଆନା ଡାସିଡି ଏସେ ଗହଣି,
ଦିନାସେଲୁ ଗେଟେ ତୁଞ୍ଜିତି ରନିସି -
କାଲେଂକାଲା ନିସାଦୁଃନେ ନୀ ପାଦାତାରି,
ପିରିତାଡ଼ି ।

⁂⁂

# ପାଳଗଦା

ଗଉନ୍ତିଆ ବିଲବାଡ଼ି କିଏ ନ ଜାଣିଛି-
ପୋତି ରଖିଛି ତା'ର ସବୁ ଧନ
ପଦାକୁ ଦିଶୁଛ ଯାହା ତା'ର ପାଳଗଦା।

ପାଳ ଦେହେ ଧାନ ନାହିଁ
ଧାନ ଭଲ ନ ହୋଇଲେ,
ଗୋରୁ ପାଳ ଶୁଙ୍ଘି ଦେଖେ ନାହିଁ,
ଗଦା ଗଦା ବହି ପଢ଼ିଲେ କି ହେବ,
ଆଦରର କଥାପଦେ କହି ଶିଖ ନାହିଁ।

ଯାହାତୁ ବୁଣିଲୁ ଯେତିକି କାଟିଲୁ-
ଅନ୍ଧାରିଆ ମାପିନେଲୁ କେତେ ନଉତି ଗଉଣି,
ଦେଶ ପାଇଁ ଯଦି ବଞ୍ଚିଲୁ ଦିନଟେ-
ସୁନାମର ପାଳଗଦା ଠିଆ ହୋଇଥିବ,
କାଳ କାଳ ପାଇଁ।

+++

# ପେ'ନୁ କୁରା

ଡ୍ଲାଉ କୁଇଟି କାରାତାନି
ପଟାକାଟି ଡୁଗା ଦାଃପିସାନି
ଗସାମାଦେ କୁରାଡ଼ି ଇଞ୍ଜିସେ
ଟଃ ଟଃ ଟଃ
କୁରାଡ଼ିତିଙ୍ଗେ ପାର ଇଗ୍‌ଜାନା
କାମ୍ଧାଇମାସି ଟୁଟୁଡ଼ାଇ ବାଇସେ
ବେଃନାରି  ଉକଡ଼ି,
ମୁଙ୍ଗେଲି ଟୀପଡ଼ାଇ ଜାପିସି କାରାଡ଼େଏ
ତାଃପାବେଙ୍କୁ ପ୍ରୁହାଇମାସେ,
ଡ୍ଲାଙ୍ଗାଇମାସେ ଗାରି,
ବାର 'ମିରୁ ପାଟିଙ୍ଗା, କୁଣ୍ଡ୍ରା ଦାରାଙ୍ଗା,
ତାଃପିମାସି ଆବାଙ୍ଗାଣ୍ଡେରୁ-
ମିଙ୍ଗେ ଜହାରି, ଜହାରି ।

ମୁହ୍ନରି ବେଗାଡ଼ାଇ କାଣ୍ଡିରୁଡ଼ା ମୁସାନାଇ
ତ୍ରଙ୍ଗାମିତା ଏପଗିଆନା, ଏଙ୍କୁ ଡୁସାନାଇ,
ପାଙ୍ଗାମାନି ଗାଟାସାକାଡ଼େ
ଗମ୍‌ନା ଗମ୍‌ନା ବାଡିଙ୍ଗା ଡୁଡାନା
ପାହେରି ତାକାଇମାନି ଆଜାସାଣ୍ଡେରୁ,
ମିଙ୍ଗେ ଜହାରି, ଜହାରି ।

# ତୀର୍ଥଯାତ୍ରା

ମୁଣ୍ଡ ଉପରେ ମୁଣ୍ଡ ଫଟା ଖରା
କରୁଥିଲା ଟାଇଁ ଟାଇଁ
ପକ୍ଷୀ ଖୋଜୁଥିଲେ ଗହଳ ପତର
ମୁଣ୍ଡ ଉପରେ ଛାଇ,
ସେଥିରେ ବି ଶୁଭୁଥିଲା କୁରାଢ଼ୀର
ଠକ୍ ଠକ୍ ଠକ୍ ଠକ୍,
ଶବ୍ଦ ସହ ତାଳ ଦେଇ ଆସୁଥିଲା ନିଶ୍ୱାସ,
ଭୋକ ଆଉଟା ପେଟ ଭିତରୁ
ଡେଙ୍ଗାନାକ ଅଗରୁ ଖସୁଥିଲା ଝାଳ
ଲିଭୁଥିଲା କାଠଗଣ୍ଡିପରେ ଟଣା ଗାର
ବାରହାତ କଡ଼ି, ଗୋଟିପଟା କବାଟ
କାଟିଥିବା ମେହନତି ମଣିଷଙ୍କୁ -
ନମସ୍କାର, ମୋର ନମସ୍କାର ।

ସକାଳ ସୂରୁଜ ଉଠିବା ଆଗରୁ ଘର କାମ ସାରି
ଗୁରୁଣ୍ଡିବା ଛୁଆଙ୍କୁ ପିଠିରେ ବାନ୍ଧି, ଭାତ ମୁଣ୍ଡେଇ,
ଫଟା ଗୋଇଠି ଉଷୁଡ଼ା ପଥରରେ ଥାପି,
ଅବିଶ୍ରାନ୍ତ ଚାଲିଥିବା ମାଆମାନଙ୍କୁ -
ନମସ୍କାର, ମୋର ନମସ୍କାର ।

କୁଇଦିନାତା ବାଜାମାନେ ଏସେ ଦୁକୁସାକି
ମିନ୍ଦା ଟୁଟୁ ତାଲି ଗିଆନା
ମାଙ୍ଗେ ପାଞ୍ଜା ଗିଆନାଦେଗୁ,
ଶିରିଶିରି ପେନିତାନି
ବେସ୍କା ଆଗାରାଙ୍ଗା ତୁସାନାଇ
ସର୍କା ସର୍କା ଆକା କଆନାଇ
ମାଇସେଲୁ ପାଟାପୁଡି ସିଆନାଦେଗୁ,
ଆଜାଆବା,
ମିଙ୍ଗେ ଜହାରି, ଜହାରି, ଜହାରି ।

***

କୁଇଦିନାରେ ଆସିଛି କେତେ ଦୁଃଖ ଶୋକ, ମରୁଡ଼ି
ତୁମ ପେଟ ଅଧା ରଖି
ଆମ ପେଟ ପୁରାଇଛ,
ଥୁରୁ ଥୁରୁ ଶୀତରେ
କାଠ କୋଇଲା ବୋହିଛ,
ପାହାଡ଼ ପାହାଡ଼ ଘୁରି ପତ୍ର ତୋଳିଛ,
ପିଲାଙ୍କ ପାଇଁ ସିଲଟଖଡ଼ି ପାଠ ବହି କିଣିଛ,
ସେଇ ବାପା ମାଆଙ୍କୁ
ମୋର ପ୍ରଣାମ, ଅଶେଷ ପ୍ରଣାମ।

+++

# ପାଦଟୀକା

**ଯାଦୁହାଣ୍ଡି**

୧. କୁଇ ଭାଷାରେ ଦେରି ଅର୍ଥାତ୍ ବାପାଙ୍କ ଭାଉଜ କିମ୍ବା ସେହିଭଳି ସଂପର୍କୀୟ ସ୍ତ୍ରୀଲୋକ ।

୨. ଗୋଟି କାଠ ଦରଜା- କବାଟ ପାଇଁ ବ୍ୟବହୃତ ପଟାକୁ ଗୋଟିଏ ବଡ଼ କାଠଗଣ୍ଡିରୁ ପ୍ରସ୍ତୁତ କରାଯାଇଥାଏ ।

୩. ଧାନ ଚାଉଳ ସୁରକ୍ଷିତ ରଖିବା ପାଇଁ ବଡ଼ ହାଣ୍ଡି ଯେଉଁଥିରେ କୁମ୍ଭାର ନିଜ ହାତରେ ବିଭିନ୍ନ ଚିତ୍ର ବା ରେଖାଚିତ୍ର କରିଥାନ୍ତି ।

୪. ଏହି ଲୋକକଥା ଅନୁସାରେ ମଣିଷ ଓ ବଳିଆ କୁକୁର ମଧ୍ୟରେ ମାମୁଁ-ଭଣଜା ସଂପର୍କ ଥିବାରୁ ବଳିଆ କୁକୁର ମଣିଷକୁ ଆକ୍ରମଣ କରେନାହିଁ ।

୫. ମାଟି ଦେବତା ଉଦ୍ଦେଶ୍ୟରେ କନ୍ଧମାଳରେ ଦିଆଯାଉଥିବା ପୋଢବଳି ପ୍ରଥା ।

୬. ଢେଙ୍କେମା' ବା ଆଈମାନଙ୍କୁ ଖୁସିରେ ପରପାରିକୁ ବିଦାୟ ଦେବାର ଏକ ପ୍ରଥା ।

**କାଠ ଢୋଲ :**

୧. ଏହା ଏକ କାଠ ନିର୍ମିତ ବାଦ୍ୟ ଯନ୍ତ୍ର । ଏକ ବଡ଼ କାଠକୁ ଛିଦ୍ରକରି ପୋଲା କରାଯାଏ ଏବଂ ଦୁଇଟି କାଠିରେ ଏହାକୁ ବଜାଯାଏ । ମୁଖ୍ୟତଃ ଚଢେଇ ବା ମାଙ୍କଡ଼ ଘଉଡ଼େଇବା ପାଇଁ ବ୍ୟବହୃତ ହୁଏ ।

୨. କନ୍ଧମାଳ ଜିଲ୍ଲାର କଳିଙ୍ଗା ଗ୍ରାମର ପଶ୍ଚିମ ଦିଗରେ ଥିବା ପାହାଡ଼ ।

**ହଳଦୀବସନ୍ତ ପ୍ରତି :**

୧-୨.କନ୍ଧମାଳ ଜିଲ୍ଲାର କେତୋଟି ଗ୍ରାମ ଯାହାକୁ ନେଇ ଅତିତରେ ଗୀତ ରଚନା କରାଯାଇଛି ।

**ମାରୁହାଣ୍ଡି :**

୧. ପାଳଧୁଆ ଗଛରେ ଧଳା ରଙ୍ଗର ଛୋଟ ଛୋଟ ଫୁଲ ଫୁଟିଥାଏ ।

୨. ଆଦିବାସୀ ଗାଁ ଗୁଡ଼ିକରେ ମୁଣ୍ଡରୁ ପାଣି ଓହ୍ଲାଇ ରଖିବା ପାଇଁ ବ୍ୟବହୃତ କାଠପଟା ବା ଏକ ଉଚ୍ଚ କାଠ ମେଞ୍ଚ ।

୩. ଜି. ଉଦୟଗିରି ବ୍ଲକର ଗୁଦାଙ୍ଗିଆ ଗ୍ରାମ ପ୍ରାନ୍ତରେ ଥିବା ବିରାଟ ଶିଳାରାଜି ।

୪. ଜି. ଉଦୟଗିରିରୁ ପାବୁରିଆ ମଝିରେ ପଡୁଥିବା ଘାଟି ।

କଳିଙ୍ଗାଘାଟି :

୧. ବାଡିପୁଡ଼ା ପାହାଡକାଟି କଳିଙ୍ଗାଘାଟି ରାସ୍ତା ତିଆରି ହୋଇଛି ।

୨. ଡାକ୍ତରୀ ଚିକିତ୍ସା ସୁବିଧା ଦୃଷ୍ଟିରୁ କନ୍ଧମାଳରୁ ବହୁ ରୋଗୀଙ୍କୁ ବ୍ରହ୍ମପୁର ଓ କଟକ ନିଆଯାଇଥାଏ ।

୩. କନ୍ଧମାଳ ଜିଲ୍ଲାର ନଦୀଟିଏ ।

ମୋ ଗାଁ:

୧. ବରାଲାକା ବା ନୂଆଖିଆ ପର୍ବ । ପୂଜାଦିନ ସଂଧ୍ୟାରେ ବିସର୍ଜନ ସ୍ୱରୂପ ଗାଁ ଝିଅମାନେ ଫୁଲ ଝାଡୁରେ ପ୍ରତି ଘରୁ ମାଛିମାନଙ୍କୁ ନେଇଯିବାର ପ୍ରଥା ।

ବାଇମାଲା ଗାଡି:

୧. ଅତୀତରେ ଏକ ବସ୍ ଜି.ଉଦୟଗିରିରୁ ଦାରିଙ୍ଗବାଡି ନିକଟସ୍ଥ ବାଇମାଲାକୁ ଚାଲୁଥିଲା । ଏହାକୁ ନେଇ ଏକ ଜନପ୍ରିୟ କୁଇ ଗୀତ ପ୍ରଚଳିତ ଥିଲା ।

୨. ଜି.ଉଦୟଗିରି ଉପାନ୍ତରେ ଏକ ଛୋଟ ଘାଟି ।

୩. ମକ ଘାଟି ପରେ ଏକ ଗାଁ ।

ମୃଗୟା:

୧. ସ-ବ-ଇର୍ : ଶିକାର କରି ଗାଁକୁ ଫେରିବା ସମୟର ଖୁସିର କୁହାଟ । ଏହାର ଆକ୍ଷରିକ ଅନୁବାଦ ହୋଇପାରିନାହିଁ । ଇଂରାଜୀ ଭାଷାର Hip Hip Hurray ! ହୁଏତ ଏହାର ନିକଟତମ ଅର୍ଥ ପ୍ରକାଶ କରିପାରେ ।

ଚନ୍ଦ୍ରଗ୍ରହଣ :

୧. କୁଇ ଭାଷାରେ ପାନା ଅର୍ଥାତ୍ ବେଙ୍ଗ ଏବଂ କାପା ଅର୍ଥ ମୁହଁରେ ଦେବା । ପାନାକାପା ଅର୍ଥ ଚନ୍ଦ୍ରଗ୍ରହଣ । (ଚନ୍ଦ୍ର - ଡାଞ୍ଜୁ)

ଭଉଁରୀ :

୧. ସଲପ ଗଛ (Saragosa Palm) ରୁ ଖଜୁରୀରସ ଭଳି ଏକ ମିଠା, ଧଳା ରଙ୍ଗର ରସ ଝରିଥାଏ । ଏହାକୁ ଆଦିବାସୀମାନେ ପିଇଥାନ୍ତି ।

୨. ମହୁଲ (Madhuca Indica) ଫୁଲରୁ ପ୍ରସ୍ତୁତ ମଦ ।

ତାଜମହଲ:

୧. ଡଡା କନ୍ଧମାଳ ଜିଲ୍ଲାର ଉଚ୍ଚତମ ପାହାଡ । ଏହା ଜି. ଉଦୟଗିରିର ପଶ୍ଚିମ ଦିଗରେ ଅବସ୍ଥିତ ।

୨. ଜି. ଉଦୟଗିରି ସହରର ପୂର୍ବପ୍ରାନ୍ତରେ ଥିବା ଏକ ସାହି ।

ଝରାଉଥିଲା ସେ ଲୁହ :

୧. କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ସୀମାବର୍ତ୍ତୀ ଏକ ପଲ୍ଲୀ ଗ୍ରାମ । ଏହା ପାଖ ଦେଇ ଏକରାସ୍ତା ଦୁର୍ଗାପ୍ରସାଦରୁ ପସରାକୁ ସଂଯୋଗ କରେ ।

୨. କନ୍ଧମାଳ ଜିଲ୍ଲାର ରାଇକିଆ ସହରର ପଶ୍ଚିମ ଦିଗରେ ଥିବା ଏକ ପାହାଡ଼ ।

ଗାନ୍ଦାମାହା :

୧. କୁଇ ଭାଷାରେ ଗାନ୍ଦାମାହାର ଆକ୍ଷରିକ ଅର୍ଥ ହେଉଛି ଗନ୍ଧାଉଥିବା ଆମ୍ବ । ଜି.ଉଦୟଗିରି ତହସିଲ୍ ଅନ୍ତର୍ଗତ କୁରୁମିଙ୍ଗିଆ ଗ୍ରାମ ଉପକଣ୍ଠରେ ଆଦିବାସୀ ଓ ଇଂରେଜମାନଙ୍କ ମଧ୍ୟରେ ହୋଇଥିବା ସମରର ମୁଖସାକ୍ଷୀ । ଏହି ଗଛର ଆମ୍ବ ମଣିଷ ରକ୍ତ ଭଳି ବାସୁଥିବାରୁ ପରବର୍ତ୍ତୀ ଏହାକୁ ଲୋକମାନେ କାଟିଦେଇଥିବା ଶୁଣାଯାଏ ।

୨. ଅନ୍ଧାରକୋଟ ଘାଟିର ପୁରୋଭାଗରେ ଭଞ୍ଜବଂଶିୟ ରାଜାଙ୍କ ଦ୍ୱାରା ନିର୍ମିତ ଲୁଚିବା ସ୍ଥାନ । ଅଦ୍ୟାବଧି ସେଠାରେ କିଛି ଭଗ୍ନାବିଶେଷ ଓ କୂଅ ରହିଅଛି ।

୩. ଡଡା ପାହାଡ ଉପରେ ଥିବା ଗୁମ୍ଫାଗୁଡ଼ିକରେ ଭଞ୍ଜବଂଶୀୟ ରାଜାମାନେ ଲୁଚିରହୁଥିବା କୁହାଯାଏ । ପାହାଡ ଉପରେ ଥିବା ଲେମ୍ବୁ, ପିଜୁଳୀ ବଗିଚା ଏହାର ଅବଶେଷ ମାତ୍ର ।

୪. ଗଡାରାକା ପାହାଡ ଘୁମୁଷର ତହସିଲ୍ (ଭଞ୍ଜନଗର) ଅନ୍ତର୍ଗତ ଦ୍ରପିଙ୍ଗିଆ ଗାଁ ପାଖରେ ଅବିସ୍ଥିତ । ଏହି ପାହାଡ ଦେଇ ଏକ ପୁରାତନ ରାସ୍ତା ଗଞ୍ଜାମ ଓ କନ୍ଧମାଳକୁ ସଂଯୋଗ କରେ ।

୫. ସୋରଡ଼ା ତହସିଲ୍ ଅନ୍ତର୍ଗତ ଏକ ଗ୍ରାମ ।

୬. କୁରୁମିଙ୍ଗିଆ ଗ୍ରାମର ଏକ ପୁରୁଣା ଚୁଆଁ ବା ଜଳଉତ୍ସ ।

୭. G.E.Russel ବ୍ରିଟିଶ ରାଜର ଏଜେଣ୍ଟ ଥିଲେ । ତାଙ୍କ ନାମରେ ବର୍ତ୍ତମାନର ଭଞ୍ଜନଗର ସହରକୁ ରସୁଲକୋଣ୍ଡା କୁହାଯାଉଥିଲା ।

୮. Capt. S. C. Macpherson. Ref. Some Khond Songs by J. E. Friend - Perriera, Journal of Asiatic Society of Bengal Vol.No. LXVIII, 1899. Russel ଏବଂ Capt. Macphersonଙ୍କୁ ମେରିଆ ପ୍ରଥା ଉଚ୍ଛେଦ ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

୯. ଜି. ଉଦୟଗିରି ତହସିଲ୍‌ର ସିତାପାଙ୍ଗା ଗ୍ରାମ ପାଖରେ ଥିବା ଗୁଣ୍ଡାବ୍ରଡି ନାମକ ବରଗଛରେ ବାଙ୍ଗୁମଲ୍ଲିକକୁ ଫାଶୀ ଦିଆଯାଇଥିବା ଜନଶ୍ରୁତି ଅଛି ।

***



ଶ୍ରୀ ଅନୁଜ ମୋହନ ପ୍ରଧାନ (୧୯୬୯) ଜନ୍ମ ଫୁଲବାଣୀ ଜିଲ୍ଲାର କଳିଙ୍ଗା ଗ୍ରାମରେ । କଳିଙ୍ଗ ମହାବିଦ୍ୟାଳୟ ଜି. ଉଦୟଗିରିରୁ ସ୍ନାତକ ଏବଂ ୧୯୯୧ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷାଲାଭ । କଲେଜ ଜୀବନରୁ ସୃଜନାତ୍ମକ ସୃଷ୍ଟି ପାଇଁ ସମ୍ମାନୀତ । ରାଜ୍ୟ ସଚିବାଳୟ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରେ କାର୍ଯ୍ୟ ପରେ ୧୯୯୫ ମସିହାରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ । ୧୯୯୯ରୁ ଅଦ୍ୟାବଧି ରାଷ୍ଟ୍ରୀୟ ଧାତୁକର୍ମ ପ୍ରୟୋଗଶାଳା, ଜାମସେଦପୁରଠାରେ କାର୍ଯ୍ୟରତ । ଏହି କବିତା ସଂକଳନରେ କୁଇ ଜନଜୀବନର ପ୍ରଚଳିତ ବିଭିନ୍ନ ପ୍ରଥା ଓ ଚଳଣୀ ସହ ପରିବର୍ତ୍ତନଶୀଳ ସାମ୍ପ୍ରତିକ ଯୁଗ ଯନ୍ତ୍ରଣାର ଛବି ସ୍ପଷ୍ଟ ହୋଇଛି । କୁଇ ଭାଷାରେ ସାହିତ୍ୟ ସୃଜନ ପାଇଁ ଆହ୍ୱାନ ଏହାର ଅନ୍ତଃସ୍ୱର । ସ୍ମୃତିର ପୃଷ୍ଠଭୂମି ଉପରେ ସମୟୋପଯୋଗୀ ସଂସ୍କାର ମାଧ୍ୟମରେ ସମୃଦ୍ଧି ପଥରେ କୁଇ ସଂସ୍କୃତିର ମୌଳିକତାକୁ ବଜାୟ ରଖିବା ପାଇଁ ଏହା ସଂକେତ କରେ । ପତ୍ରପତ୍ରିକାରେ ପୂର୍ବ ପ୍ରକାଶିତ ତାଙ୍କ ପ୍ରବନ୍ଧ ମଧ୍ୟରେ **Role of Dreams in Kui Culture, Place of Fowl in Kui Culture, Tourism in Kandhamal,** କୁଇ ଭାଷାର ଅକୁହାକୁଥା ଆଦି ସୂଚନାଯୋଗ୍ୟ ।

ISBN-01-88010-18-18-9